## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ସହିଦଙ୍କ ଭାଉଜ



**ଆନନ୍ଦପୁର, ୧୯।୧୨(ସମିସ):** ଝାଡଖଣ୍ଡ ରାଜ୍ୟରେ ମାଓ ଆକ୍ରମଣରେ ସହିଦ ହୋଇଥିବା ସୁଶାନ୍ତଙ୍କ ପରିବାରର ଜଣକୁ ନିଯୁକ୍ତି ଦେବା ପାଇଁ ପ୍ରଶାସନ ନିକଟରେ ହାରିଗୁହାରୀ କରି ନିରାଶ ହେବା ପରେ ସହିଦ ସୁଶାନ୍ତଙ୍କ ବିଧବା ଭାଉଜ ବନସ୍ମିତା ଖୁଣ୍ଟିଆ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସହାୟତା ପାଇଁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ, ସହିଦ୍ ସୁଶାନ୍ତ ଖୁଣ୍ଟିଆ ମାଓ ଆକ୍ରମଣରେ ସହିଦ ହୋଇଥିବା ବେଳେ ତାଙ୍କର ମାଆ ସୁନ୍ଦରୀ ଖୁଣ୍ଟିଆଙ୍କର ପୁତ୍ର ସହିଦ୍ ହେବାର ୮ ଦିନ ପରେ ପରଲୋକ ଘଟିଥିଲା। ପୂର୍ବରୁ ସୁଶାନ୍ତଙ୍କ ବାପା ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ବଡଭାଇ ସନ୍ତୋଷ ଖୁଣ୍ଟିଆଙ୍କର କର୍କଟ ରୋଗରେ ମଧ ପରଲୋକ ଘଟିଥିଲା। ସହିଦ୍ ସୁଶାନ୍ତଙ୍କ ବିଧବା ଭାଉଜ ବନସ୍ମିତା ତାଙ୍କର ଶିଶୁ ପୁତ୍ରକୁ ଧରି ଦୟନୀୟ ଅବସ୍ଥାରେ ଏକାକୀ ରହୁଥିବା ବେଳେ ସମ୍ପୂର୍ଣ୍ଣ ପରିବାରଟି ପୁରୁଷ ଶୂନ୍ୟ ହୋଇଯାଇଛି। ଯାହାଫଳରେ ନିଜର ପୁଅକୁ ପାଠ ପଢାଇବା ସହ ପରିବାର ଚଳାଇବା ଅସମ୍ଭବ ହୋଇପଡିଛି। ଏହି ଦୁଃଖଭରା ଘଟଣାକୁ ନେଇ ବନସ୍ମିତା ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ ଭେଟି ଅନ୍ନ ସଂସ୍ଥାନ ପାଇଁ କୌଣସି ସଂସ୍ଥାରେ ନିଯୁକ୍ତି କରାଇଦେବା ପାଇଁ ନିବେଦନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ନିଶା ନିବାରଣ ସଚେତନତା ପଦଯାତ୍ରା




**ଆନନ୍ଦପୁର, ୧୯।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତର ନୟାଗଡସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମଲଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ମହାବିଦ୍ୟାଳୟ ପରିସରରୁ ଏକ ପଦଯାତ୍ରାରେ ନୟାଗଡ, ପରମାନନ୍ଦପୁର ଗ୍ରାମର ବିଭିନ୍ନ ସାହିବସ୍ତି ପରିକ୍ରମା କରି ନିଶା ନିବାରଣ ସଚେତନତା ସୃଷ୍ଟି କରିଥିଲେ। ପରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ଜୟନ୍ତ କୁମାର ମହାନ୍ତିଙ୍କ ସଞ୍ଚାଳନାରେ ଅଧ୍ୟାପକ ସରୋଜକାନ୍ତ ରାଉତ, ବିନୟ ଭୂଷଣ ମଲିକ, ଅଧ୍ୟାପିକା ତପସ୍ୱିନୀ ପାତ୍ର, ଓରି ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ଅଧ୍ୟାପକ ଶଷୀଭୂଷଣ ପତି, ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ଛାତ୍ରଛାତ୍ରୀମାନେ ନିଶା ନିବାରଣ ଅଭିଯାନକୁ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ସନାତନ ସାହୁ, ମହେଶ୍ୱର ରାଉତ, ଲକ୍ଷ୍ମୀକାନ୍ତ ରାଉତ ସହଯୋଗ କରିଥିଲେ।

## ବାଉଁଶଗଡ଼ରେ ଖୋଲିଲା ଧାନମଣ୍ଡି

**ଆନନ୍ଦପୁର, ୧୯।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ସେବା ସମବାୟ ସମିତି ପକ୍ଷରୁ ଓଜନ କଣ୍ଟ ପୂଜାର୍ଚ୍ଚନା କରାଯାଇଛି। ବାଉଁଶଗଡ ସେବା ସମବାୟ ସମିତିର ସମ୍ପାଦକ ବସନ୍ତ କୁମାର ନାଏକଙ୍କ ଉପସ୍ଥିତିରେ ଧାନ ଓ ଓଜନ କଣ୍ଟାର ପୂଜାର୍ଚ୍ଚନା କରାଯାଇ ମଣ୍ଡି ଉଦଘାଟନ କରାଯାଇଥିଲା। ଏହି ମଣ୍ଡିରେ ୩୧୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ୬୨୦୮ କ୍ୱିଣ୍ଟାଲ ଧାନ ସମିତି ପକ୍ଷରୁ କ୍ରୟ କରାଯିବା ପାଇଁ ଧାର୍ଯ୍ୟ ଥିବାର ଜଣାଯାଇଛି ଏବଂ ଏଫକ୍ୟୁ ଧାନ କ୍ୱିଣ୍ଟଲ ପିଛା ୨୧୮୩ ଟଙ୍କା ରହିଥିବା ବେଳେ ଗ୍ରେଡ। ଧାନ ୨୨୦୩ ଟଙ୍କା ଧାର୍ଯ୍ୟ ଥିବା ସମ୍ପାଦକ ଶ୍ରୀ ନାଏକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସମିତିର ଅଭୟ ମହାରଣା, ସନାତନ ଦେହୁରୀ, ଶରତ କୁମାର ବେହେରା, ନିରଞ୍ଜନ ନାଏକ, ଜଗନ୍ନାଥ ମହାପାତ୍ର, ଦୟାନିଧି ନାଏକ, ନିରଞ୍ଜନ ରାଉତ, ଗୋପୀନାଥ ସେଠୀ ଏବଂ ସୁବଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଡିଏନ୍ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା

**ଘସିପୁରା,୧୯ ।୧୨(ସମିସ)** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଡିଏନ୍ ବିଦ୍ୟାପିଠରେ ବାର୍ଷିକ କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ ସଂଯୋଜନାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ, ସମ୍ମାନୀତ ଅତିଥି ଭାବେ ଡ.ରତିକାନ୍ତ ବରାଳ, ପୁରାତନ ଛାତ୍ର ସୁଶାନ୍ତକୁମାର ରାଉତ, ପ୍ରାକ୍ତନ କ୍ରିଡା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥି ଯୋଗ ଦେଇଥିଲେ। କ୍ରୀଡ଼ା ହିଁ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ବୋଲି ଅତିଥିମାନେ ନିଜର ବକ୍ତବ୍ୟରେ କହିଥିଲେ। ଶିକ୍ଷୟିତ୍ରୀ ସୁଜାତା ସୂତାର ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମନସ୍ମିତା ମହାଖୁଡ ସ୍ୱାଗତ ସଙ୍ଗିତ ଗାନ କରିଥିଲେ। ଶିକ୍ଷକ ଚଗଲା ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟତ୍ରୀ ସ୍ମିତାଞ୍ଜଳି ମଲ୍ଲିକ ଖେଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

### ଗୋନାସିକା-କେନ୍ଦୁଝର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପୱନଦ୍ୱୀପ, ଅରୁଣିତାଙ୍କ ଗୀତରେ ଝୁମିଲେ ଦର୍ଶକ





**କେନ୍ଦୁଝର, ୧୯।୧୨ (ସମିସ)**

କେନ୍ଦୁଝର କାଳୀପଡିଆ ଏବଂ ଷ୍ଟାଡିୟମରେ ଆୟୋଜିତ ହେଉଥିବା "ଗୋନାସିକା କେନ୍ଦୁଝର ମହୋସବ'ର ଦ୍ୱିତୀୟ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୨ଟା ୩୦ ମିନିଟରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ମତୁଆଲା ହୋଇଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ପୌରପାଳିକା ଓ ବ୍ଲକ ଅଧ୍ୟକ୍ଷାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସମ୍ମାନନୀୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏପରି ପରମ୍ପରା ଜିଲ୍ଲା ପାଇଁ ପ୍ରଥମ ହୋଇଥିବା ବେଳେ କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଯୋଡା ପୌରପରିଷଦ ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ବଡ଼ବିଲ ପୌରପରିଷଦ ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଆନନ୍ଦପୁର ପୌରପରିଷଦ ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଚମ୍ପୁଆ ଏନ୍ଏସିର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଆନନ୍ଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜନା ବାରିକ, ବାଂଶପାଳ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, କେନ୍ଦୁଝର ସଦର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତୀ ନାଏକ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ କୁମାର ନାୟକ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷା ସୁନେଲୀ ନାଏକ, ହାଟଡିହି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସାବିତ୍ରୀ ସେଠୀ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମାଳତୀ ନାଏକ ଓ ଘଷିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଉପଜିଲ୍ଲାପାଳ ଯଦୁମଣି ମହଲା ସଭାପତିତ୍ୱ କରିଥିଲେ। କେନ୍ଦୁଝର ଜିଲ୍ଲା ଏକ ସଂସ୍କୃତି ସମ୍ପର୍ଣ୍ଣ ଜିଲ୍ଲା ହୋଇଥିବା ବେଳେ ଏ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ଗୌରବ ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ମତ ରଖିଥିଲେ। ସୂଚନା ଓ ଲୋକସଂପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ଏହି ଦ୍ୱିତୀୟ ସନ୍ଧ୍ୟାର ସଭା କାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁରଙ୍କର କଣ୍ଢେଇ ନୃତ୍ୟ, ଆନ୍ଧ୍ରପ୍ରଦେଶର କୁଚିପୁଡି, ସମ୍ବଲପୁରୀ ଲୋକନୃତ୍ୟ, ମଧ୍ୟପ୍ରଦେଶର ବଧେଇ, ପୁରୀର ଗୋଟିପୁଅ, ବେଶ ଉପଭୋଗ୍ୟ ହୋଇଥିଲା। ବିଳମ୍ବିତ ସନ୍ଧ୍ୟାରେ ବଲିଉଡ ନାଇଟ କାର୍ଯ୍ୟକ୍ରମରେ ଦେଶର ବିଶିଷ୍ଟ ସଙ୍ଗୀତଶିଳ୍ପୀ ପୱନଦ୍ୱୀପ ଓ ଅରୁଣିତାଙ୍କ ସମେତ ସାଥି କଳାକାରଙ୍କ ଦ୍ୱାରା ସଙ୍ଗୀତ ଆସର ମନଛୁଆଁ ହୋଇ ପାରିଥିଲା। ପଦ୍ମଶ୍ରୀ ମାଗୁଣି କୁଅଁରଙ୍କ କାଠି କଣ୍ଢେଇ ନୃତ୍ୟ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରବଳ ଥଣ୍ଡାକୁ ଖାତିର ନକରି ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଟାଉନ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ମହୋତ୍ସବ ଆୟୋଜନର ବିଭିନ୍ନ କମିଟିର ସଦସ୍ୟ ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ସହଯୋଗ ପ୍ରଦାନ କରିଥିଲେ।







- ପଦ୍ମଶ୍ରୀ ପରିବେଷଣ କଲେ କାଠି କଣ୍ଢେଇ ନୃତ୍ୟ
- ସମ୍ବର୍ଦ୍ଧିତ ହେଲେ ବ୍ଲକ୍ ଓ ପୌର ଅଧ୍ୟକ୍ଷ

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ



**ତେଲକୋଇ,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶାଖା ଓଷ୍ଟା ପକ୍ଷରୁ ଶନିବାର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୪୦ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ୧୮ଟି ଉଚ୍ଚ ବିଦ୍ୟାଳୟର ୨୧୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଓଷ୍ଟା ବ୍ଲକ ସଭାପତି ଖଗେଶ୍ୱର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଅନୁପମା ମୁର୍ମୁ, ଧର୍ମିଳା ଦାସ, ମୁଖ୍ୟବକ୍ତା ଏବିଇଓ ସୁବାଷ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ କୁମାର ପଇଡା, ଶଙ୍କର୍ଷଣ ନାଏକ, ଚିତ୍ତରଞ୍ଜନ ଜେନା, ଅକ୍ଷୟ କୁମାର ବାରିକ, ଭଗବାନ ପଟ୍ଟନାୟକ, ପଦ୍ମଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଅବସରପ୍ରାପ୍ତ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବସୁଦେବ ମହାନ୍ତ ଓ ଚିତ୍ତରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅନୁରାଧା ବିଶ୍ୱାଳ, ଶଶିଭୂଷଣ ଜେନା, ହୃଦାନନ୍ଦ ପ୍ରଧାନ, ଦାଶରଥି ପ୍ରଧାନ, କୀର୍ତ୍ତନ ବିହାରୀ ପ୍ରଧାନ, ଜନାର୍ଦ୍ଦନ ମହାନ୍ତ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହଦଗଡ଼ରେ ମ୍ୟାଟ୍ରିକ୍ ୧୯୮୭ ବ୍ୟାଚ୍‌ର ବନ୍ଧୁମିଳନ



**ଛେନାପଦି/ହାଟଡିହି,୧୯।୧୨(ସମିସ):** ବାଲିବରେଇ ହାଇସ୍କୁଲର ୧୯୮୭ ମସିହା ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ହଦଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଦାନନ୍ଦ ନାୟକ, ବିଶ୍ୱରଞ୍ଜନ ପାଣିଗ୍ରାହୀ, ଚିନ୍ତାମଣି ମହାନ୍ତି, ଦୁର୍ଯ୍ୟୋଧନ ରାଉତ, ପ୍ରମୋଦ ଦାଶ, ଅରବିନ୍ଦ ଦାଶ, ଅଭିମନ୍ୟୁ ପ୍ରଧାନ, ସତ୍ୟଜିତ୍ ବେହେରା, ନରେନ୍ଦ୍ର ନାୟକ, ହରେକୃଷ୍ଣ ବେହେରା, ଅର୍ଜୁନ ବେହେରା, ପ୍ରିୟବ୍ରତ ପୁହାଣ, ବିଶ୍ୱଜିତ୍ ସାମଲ୍, ସୁକୁମାର ମିଶ୍ର, ବାବାଜୀ ବେହେରା, ମନୋଜ ଥାଟୋଇ, ଅରୁନ୍ଧତୀ ମଲ୍ଲିକ, ଇନ୍ଦୁମତୀ ରାଉତ, ସୁଷମା ରାଉତ ପ୍ରମୁଖ ସାଥିମାନେ ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ।

## ବ୍ଲକ୍ କଲୋନୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ତେଲକୋଇ,୧୯।୧୨(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରେ ଥିବା ସରକାରୀ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ବିଭାଗ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ମହାନ୍ତି, ସିଆରସିସି ନିର୍ମଳ ଚନ୍ଦ୍ର ମହାନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ର, ଗଣମାଧ୍ୟମ ପ୍ରତିନିଧି ଅନୁକୂଳ ବିଶ୍ୱାଳ ଅନ୍ତର୍ଭୁକ୍ତ ରହିଥିଲେ। ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଶିକ୍ଷାର ପ୍ରଗତି ହେବା ସହ ଖେଳର ଆବଶ୍ୟକତା ରହିବା ସହ ସ୍ୱାସ୍ଥ୍ୟଗତରେ ଉନ୍ନତି ଘଟିବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଖେଳକୁ ଉଦଘାଟନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ସହକାରୀ ଶିକ୍ଷୟତ୍ରୀ ଜ୍ୟୋତି ସାହୁ, ରୀନାମଣି ନାୟକ ପରିଚାଳନା କରିଥିଲେ।

## ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚମ୍ପୁଆ,୧୯।୧୨(ସମିସ):** ଚମ୍ପୁଆ ସ୍ଥିତ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ଏବଂ ସହକାରୀ ଶିକ୍ଷା ଅଧିକାରୀ ସୁମିତା ତ୍ରିପାଠୀ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସବିତା ମିଶ୍ର, ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ଓ ମୁଖ୍ୟ ବକ୍ତା ଭାବେ ସ୍ଥାନିୟ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକ ଏବଂ ଅଭିଭାବିକା ମାନେ ଯୋଗ ଦେଇଥିଲେ। କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବା ପରେ କୁନି ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ରଦର୍ସ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଶାଳିଜଙ୍ଗାକୁ ହରାଇ କେଶଦୁରାପାଳ ଚାମ୍ପିଅନ



**ଆନନ୍ଦପୁର, ୧୯।୧୨(ସମିସ):** ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲର ବ୍ରଦର୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେଶଦୁରାପାଳ ୫ ୱିକେଟରେ ଶାଳିଜଙ୍ଗାକୁ ହରାଇ ଚାମ୍ପିଅନ ହୋଇଛି। ଶାଳିଜଙ୍ଗା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୯୬ ରନ୍ କରିଥିଲା। ଜବାବରେ କେଶଦୁରାପାଳ ୯.୫ ଓଭରରେ ୫ ୱିକେଟ ହରାଇ ୯୭ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ବିଶ୍ୱଜିତ ଜେନା ଓ ଚିନ୍ମୟ କୁମାର ଜେନା ଖେଳକୁ ପରିଚାଳନା କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆନନ୍ଦପୁର ଅଞ୍ଚଳର ଯୁବ ବିଜେଡି ନେତା ବିଶ୍ୱନାଥ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ, ରନର୍ସଅପ ଓ ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ କ୍ଲବର ସଦସ୍ୟ ରାଜେଶ ପେରେଇ, ପ୍ରକାଶ ପେରେଇ, ସିଦ୍ଧାର୍ଥ ପେରେଇ, ଦେବେନ୍ଦ୍ର ପେରେଇ, ଅନିଲ କୁମାର ଜେନା, ଦେବବ୍ରତ ପେରେଇ, ମନୋଜ ପେରେଇ, ବିଭୂତି ପେରେଇ, ଚନ୍ଦନ ଜେନା, ଆଲୋକ ପେରେଇ, ଶକ୍ତିରଞ୍ଜନ ପେରେଇ, ଅଶୋକ ଜେନା, ବିଚିତ୍ର ପେରେଇ, ଦିପ୍ତୀ ପେରେଇ, ରଜତ ଜେନା, ସରୋଜ ପେରେଇ, ସାଗର ଜେନା, ସନ୍ତୋଷ ପେରେଇ, ତପନ ଜେନା, ରାଜକିଶୋର ଜେନା, ସୁଶିଲ କୁମାର ପେରେଇ, ପାପୁନ ପେରେଇ ଓ ଅରବିନ୍ଦ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଯୋଡ଼ା,୧୯।୧୨(ସମିସ)**



କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଦେଓଝର ପଞ୍ଚାୟତ ଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂଗଠନ ଜେଏସପି ଫାଉଣ୍ଡେସନ ଦ୍ୱାରା ୮ମ ବାର୍ଷିକ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ୫ଟି ପଞ୍ଚାୟତର ମୋଟ ୪୦ଟି ଦଳ ଭାଗ ନେଇଥିବା ବେଳେ ସେଥିମଧ୍ୟରୁ ଶ୍ରେଷ୍ଠ ୧୬ ଟି ଦଳକୁ ବଛାଯାଇ ଉକ୍ତ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ଦିଆଯାଇଥିଲା। ସାନବଡ଼ବିଲ ଏକାଦଶ ଓ ଦାମପୁର ଏକାଦଶ ଫାଇନାଲ୍ ଖେଳିବାକୁ ମନୋନୀତ ହୋଇଥିଲେ। ସାନବଡ଼ବିଲ ଦଳ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲେ। ପୁରସ୍କାର ବିତରଣୀ ସଭାରେ ଜିନ୍ଦଲ କାରଖାନାର ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଏମଡି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଅଧିକାରୀ ଆଶିଷ ରଞ୍ଜନ ମହାନ୍ତି, ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା, କର୍ପୋରେଟ କମୁନିକେସନ ମୁଖ୍ୟ ଚୌଧୁରୀ ପ୍ରଣବାନନ୍ଦ ଦାସ, ଦେଓଝର ସରପଞ୍ଚ ଧ୍ରୁବ ଚରଣ ନାଏକ, ଦେଓଝର ସମିତିସଭ୍ୟା ଲକ୍ଷ୍ମୀ ମୁଣ୍ଡା, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ, ବିରିକଳା ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ସମାଜସେବୀ ଲକ୍ଷ୍ମଣ ବାରିକ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ପୂର୍ବତନ ସମିତିସଭ୍ୟ ତଥା ଏବେର ଛାତ୍ର ବିଜେଡି ସଭାପତି ଯୁଧିଷ୍ଠିର ପଲେଇ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

# ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଝାରପୋଖରିଆ, ୧୯ ।୧୨(ସମିସ):** ଓଡ଼ିଶାର ବିକାଶରେ ରାଜ୍ୟ ସରକାର "ନୂଆ-ଓ' କାର୍ଯ୍ୟକ୍ରମ ହାତକୁ ନେଇ ଏକ ଅଭିନବ ପଦକ୍ଷେପ ଘୋଷଣା କରିଛନ୍ତି । କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକଳାପ ଓ ସମାଜସେବା ଦିଗରେ ଏହି ପଦକ୍ଷେପ ସାରା ରାଜ୍ୟରେ ଆରମ୍ଭ ହୋଇଛି । ଏହି କ୍ରୀଡା ପ୍ରତିଯୋଗିତାରେ ଖୋ-ଖୋ, କ୍ରିକେଟ୍, ହକି, ଫୁଟବଲ୍, କବାଡି ଏବଂ ଭଲିବଲ୍ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି । ସେହିପରି ସାମାଜିକ ସେବା ଦିଗରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଉଛି । ଏହି ପରିପରେକ୍ଷୀରେ ସାରସକଣା ବ୍ଲକ ସ୍ଥିତ ମହୁଲବରେଇ ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୪ତାରିଖରୁ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମର ଆଜି ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରସକଣା ବିଡ଼ିଓ ଶାନ୍ତନୁ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ସୁଧାଂଶୁ ଶେଖର ଘୋଷ, ମହାବିଦ୍ୟାଳୟର ନୂଆ ଓ କାର୍ଯ୍ୟକ୍ରମ ନୋଡାଲ ଅଫିସର ଅଧ୍ୟାପିକା ସୁଜାତା ପଟ୍ଟନାୟକ,ଅଧ୍ୟାପିକା ପ୍ରଗତି ପାଇକରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ସଭାପିତ୍ୱ କରିଥିଲେ । ଅଧ୍ୟାପକ ପରମେଶ୍ୱର ଦେ ମଞ୍ଚ ପରିଚାଳନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦୁଇ ବାଇକ ମୁହାଁମୁହିଁ ଧକ୍କା; ଯୁବକ ଗୁରୁତର

**ବୈଶିଙ୍ଗା,୧୯।୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା ରୁପ୍ସା ରାସ୍ତା ମୁନିଲାଲ ଉଚ୍ଚ ବିଦ୍ୟାଳୟ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗମ୍ଭାରିଆ ଗ୍ରାମର ନୀତେନ୍ଦ୍ର ମହାନ୍ତି (୩୧) ନିଜ କାମ ସାରି ରୁପ୍ସା ପଟରୁ ବାଇକ ଯୋଗେ ବୈଶିଙ୍ଗାକୁ ଆସୁଥିବାବେଳେ ମୁନିଲାଲ ହାଇସ୍କୁଲ ନିକଟରେ ତିଳପଦା ଗ୍ରାମର ଚନ୍ଦନ ଦେହୁରୀ(୨୦) ନିଶାସକ୍ତ ଅବସ୍ଥାରେ ଧକ୍କା ଦେଇଥିଲା । ଉଭୟ ଯୁବକ ରାସ୍ତା ପାଶ୍ୱର୍ରେ ଛିଟକି ପଡ଼ିଥିବାବେଳେ ନୀତେନ୍ଦ୍ରଙ୍କ ଅବସ୍ଥା ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ଭର୍ତ୍ତି କରିଛନ୍ତି ।

# ଗୁରୁତର ବୃଦ୍ଧଙ୍କ ଡାକ୍ତରଖାନାରେ ମୃତ୍ୟୁ

**ବୈଶିଙ୍ଗା,୧୯।୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାର କ୍ଷୀରପଦା ଛକ ନିକଟରେ ରବିବାର ସନ୍ଧ୍ୟାରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଡ଼କ୍ଷୀରପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ (୫୨) । ସେ ରବିବାର ସନ୍ଧ୍ୟାରେ ସାଇକେଲ ଯୋଗେ ନିଜ ଘରକୁ ଯିବାପାଇଁ ରାସ୍ତା ପାର କରୁଥିବାବେଳେ ପଛ ପଟରୁ ଆସୁଥିବା ଏକ ବାଇକ ତାଙ୍କୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ପ୍ରାଣବାୟୁ ଉଡିଯାଇଛି ।

# ଦୁଇ ବାଇକ୍ ମୁହାଁମୁହିଁ; ୫ ଯୁବକ ଆହତ

**ବହଳଦା,୧୯ ।୧୨ (ସମିସ):** ମଙ୍ଗଳବାର ସନ୍ଧ୍ୟାରେ ବିଜୟୱାଡା-ରାଞ୍ଚି ୨୨୦ନଂ. ଜାତୀୟ ରାଜପଥର ବହଳଦା ବାଇପାସ୍ ହିରୋ ସୋରୁମ ଛକରେ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ ଜଣ ଆହତ ହେଇଛନ୍ତି । ଆହତଙ୍କୁ ପ୍ରଥମେ ବହଳଦା ଏବଂ ପରେ ରାଇରଙ୍ଗପୁର ସ୍ଥାନାନ୍ତର କରାଯାଇଛି । ଆହତ ଦୁଇଜଣ ବହଳଦା ଧର୍ମଶାଳା ବଜାରରେ ଫଳଦୋକାନ କରିଥିବା ତିରିଙ୍ଗ ବ୍ଲକ ବେଗନାଡିହି ଗାଁର ଅଙ୍କିତ ରାମ (୨୫) ଓ ତାଙ୍କ ସାଥୀ ସେହି ଗାଁର ରାହୁଲ ମହାନ୍ତ(୨୬) ବୋଲି ଜଣାପଡ଼ିଛି । ଅନ୍ୟ ବାଇକରେ ଥିବା ୩ ଜଣ ଯୁବକଙ୍କ ପରିଚୟ ମିଳି ନ ଥିଲେ ମଧ୍ୟ ସେମାନେ ଅସନା ପଞ୍ଚାୟତର ଏଦେଲବେଡା ଗାଁର ବୋଲି ଜଣାପଡ଼ିଛି ।

# ୨୦ରୁ ପୁଣି ଅମଲାଙ୍କ ଆନ୍ଦୋଳନ



**ବାରିପଦା, ୧୯ ।୧୨(ସମିସ):** ରାଜ୍ୟ ମିଳିତ ଅମଲା ମଞ୍ଚର ଆହ୍ୱାନକ୍ରମେ ଗ୍ରେଡ ପେ' ବୃଦ୍ଧି ଦାବି ଜିଲ୍ଲାବ୍ୟାପୀ ଅମଲାମାନେ ଆସନ୍ତା ୨୦ରୁ ପୁଣି ଥରେ ଆନ୍ଦୋଳନ କରିବେ । ଏ ନେଇ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଶାଖାର ଏକ ଜରୁରୀ ଅନୁଷ୍ଠିତ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତି ଜିଲ୍ଲାରେ ସ୍ଥଗିତ ଥିବା ସମୂହ ଛୁଟିର ଆନ୍ଦୋଳନ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି । ଗତ ଜୁନ ୧ ତାରିଖରୁ ରାଜ୍ୟ ବ୍ୟାପି ଅମଲାମାନେ ସମୂହ ଛୁଟିରେ ରହି ଆନ୍ଦୋଳନ ନେଇ ନିଷ୍ପତ୍ତି ନେଇଥିଲେ । ବିକ୍ଷୋଭ ପୂର୍ବରୁ ରାଜ୍ୟ ସରକାରଙ୍କ ସହ ଆନ୍ଦୋଳନ କରି ଆନ୍ଦୋଳନକୁ ସ୍ଥଗିତ କରିଥିଲେ । ତେବେ ଦୀର୍ଘ ୬ ମାସ ପରେ ମଧ୍ୟ ଅମଲାଙ୍କ ଦାବି ପୂରଣ ପାଇଁ କୌଣସି ସମାଧାନର ରାସ୍ତା ବାହାରିଲା ନାହିଁ । ତେଣୁ ରାଜ୍ୟ ବ୍ୟାପୀ ପୁଣି ଥରେ ୨୦ରେ ଅମଲାମାନେ ସମୂହ ଛୁଟିରେ ରହି ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କନିଷ୍ଠ ସହାୟକଙ୍କ ମୂଳ ବେତନରେ ୪୨୦୦ ଗ୍ରେଡ଼ ପେ, ଲେଭେଲ - ୯ ଅନୁଯାୟୀ ବେତନ ପ୍ରଦାନ ପାଇଁ ଦାବି ରହିଛି ।

# ଠେଙ୍ଗାମାଡ଼ରେ ଯୁବକ ଗୁରୁତର

**ରାଇରଙ୍ଗପୁର,୧୯ ।୧୨(ସମିସ):** ଭାଲୁପାହାଡ଼ି ଗାଁରେ ସାମାନ୍ୟ ବିବାଦରୁ ଜଣେ ଯୁବକକୁ ଠେଙ୍ଗାମାଡରେ ଗୁରୁତର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଭାଲୁପାହାଡ଼ି ଗାଁ ନିକଟରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲା । ସେଠାରେ ସାମାନ୍ୟ ବଚସା ପରେ ଜଣେ ଯୁବକ ଅନ୍ୟ ଯୁବକଙ୍କୁ ଠେଙ୍ଗାରେ ନିସ୍ତୁକ ମାଡ଼ ମାରିଥିଲା । ଏବଂ ପରେ ଖସି ପଳାଇଥିଲା । ଖବର ପାଇ ପରିବାର ଲୋକମାନେ ପହଞ୍ଚିଥ ଗୁରୁତର ନୀଳଚକ୍ର ବେହେରାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ଯୁବକକୁ ବାରିପଦା ସ୍ଥାନାନ୍ତର କରାଯାଇଛି । ଘଟଣାକୁ ନେଇ ପରିବାର ଲୋକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

‘ନୂଆ-ଓ’ ଯୁବ ଉତ୍ସବ

# ଆଗକୁ ବଢ଼ିବାକୁ ହେଲେ ଆତ୍ମବିଶ୍ୱାସ ଜରୁରୀ: ପାଣ୍ଡିଆନ



**ବାରିପଦା,୧୯।୧୨(ସମିସ):** ଜୀବନରେ ଆଗକୁ ବଢ଼ିବାକୁ ହେଲେ ଆତ୍ମବିଶ୍ୱାସ ବୃଦ୍ଧି ଜରୁରୀ । ଆଉ ଏହି ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ନୂଆ-ଓ’ କାର୍ଯ୍ୟକ୍ରମର ପରିକଳ୍ପନା କରିଛନ୍ତି । ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କ ମଧ୍ୟରେ ଥିବା ଦକ୍ଷତା ବୃଦ୍ଧି ସହିତ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇ ସେମାନଙ୍କୁ ଆଗକୁ ନେବ ବୋଲି ମଙ୍ଗଳବାର ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ‘ନୂଆ ଓ’ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଯୁବ ଉତ୍ସବରେ ଯୋଗ ଦେଇ କହିଛନ୍ତି ‘୫-ଟି’ ତଥା ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ପାଇଁ ପାଠ ପଢ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ , ଏହା ସହିତ ମାନସିକ ଓ ଶାରୀରିକ ବିକାଶ ପାଇଁ କାର୍ଯ୍ୟ ବି ଜରୁରୀ । ଏହାର ବିକାଶ ଘଟାଇ ନିଜର ପ୍ରତିଭା ପରିସ୍ଫୁଟନ କରିବା ଆବଶ୍ୟକ । ‘ନୂଆ ଓ’ କାର୍ଯ୍ୟକ୍ରମ ପ୍ରତିଭା ପରିସ୍ଫୁଟନ ପାଇଁ ସହାୟକ ହେବ । ଏଥିରେ ଜିତିବା ଯେତିକି ଗୁରୁତ୍ୱ ନୁହେଁ, ତାଠାରୁ ଅଧିକ ଗୁରୁତ୍ୱ ଅଂଶଗ୍ରହଣ କରିବା । ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲେ ଦଳଗତ କାର୍ଯ୍ୟ କରିବା ଅଭିଜ୍ଞତା ମିଳିଥାଏ, ତତ୍‌ସହିତ କଠିନ ପରିଶ୍ରମର ଅଭିଜ୍ଞତା ସାଙ୍ଗକୁ ସମାନ୍ତରାଳ ଚିନ୍ତାଧାରା ବିକାଶ ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଯାହାକି ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବିକାଶ ଘଟାଇ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ । ଯାହାକି ନୂଆ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଏପରି ମହତକାଂକ୍ଷୀ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି ।

ଶ୍ରୀ ପାଣ୍ଡିଆନ ପୁଣି କହିଛନ୍ତି ଯେ ମୟୂରଭଞ୍ଜ ମୋର ପୁରୁଣା ଜିଲ୍ଲା । ଏଠାରେ ପୂର୍ବରୁ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛି । ଆଜି ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଜିଲ୍ଲାକୁ ଶ୍ରେଷ୍ଠ ଭାବେ ପ୍ରତିପାଦନ କରିଛନ୍ତି । ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେଲେ, ସେମାନେ ଆଗକୁ ବଢ଼ିବେ । ସେମାନଙ୍କ ପରିବାର ଓ ଅଭିଭାବକଙ୍କ ନାମ ଉଚ୍ଚକୁ ନେବେ । ‘ନୂଆ ଓ’ ସହିତ ଅନ୍ୟ ଏକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ହାତକୁ ନେଇଛନ୍ତି । ତାହା ହେଲେ ଶିକ୍ଷାନୁଷ୍ଠାନ ରୂପାନ୍ତରୀକରଣ । ୫-ଟି କାର୍ଯ୍ୟକ୍ରମରେ ହାଇସ୍କୁଲ ରୂପାନ୍ତରଣ ପରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ପାଇଁ ୬୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ରୂପାନ୍ତରଣ ପରେ ଦିଲ୍ଲୀ ମୁମ୍ବାଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପରି ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀ ସମକକ୍ଷ ହୋଇପାରିବେ । ଆଗାମୀ ୨ ମାସ ମଧ୍ୟରେ ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ।

ଏହା ସହ ସୁସ୍ଥ ଓ ନିରୋଗ ରହିବାକୁ ପ୍ରତିଦିନ ଯୋଗ, ଧ୍ୟାନ ଓ ବ୍ୟାୟାମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜୀବନରେ ଆଗକୁ ଯିବାକୁ ହେଲେ ଉତ୍ସାହିତ କରୁଥିବା ଓ ଆତ୍ମବିଶ୍ୱାସ ବୃଦ୍ଧି କରୁଥିବା ସାଙ୍ଗ ବାଛିବା ଆବଶ୍ୟକ, ସେହିପରି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ମାନ ମଧ୍ୟ ଜରୁରୀ । ସବୁ କ୍ଷେତ୍ରରେ ଓଡ଼ିଶା ଏବେ ଉଦାହରଣୀୟ ହୋଇଛି । ତେଣୁ ଏହି ନୂଆ ଓ ରୂପାନ୍ତରିତ ଓଡ଼ିଶାକୁ ଆହୁରି ଆଗକୁ ନେବା ପାଇଁ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି ।‘ନୂଆ-ଓ’ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜିଲ୍ଲାସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ୧୫ହଜାରରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ଜଙ୍ଗଲ ମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ




**ଯଶିପୁର,୧୯।୧୨(ସମିସ):**

ଶିମିଳିପାଳ ସମସ୍ୟା ନେଇ ଯୁବନେତା ତଥା ରାଜ୍ୟ ବିଜେଡି ଯୁଗ୍ମ-ସମ୍ପାଦକ ଚକ୍ରଧର ହେମ୍ବ୍ରମ (ରାଜ୍ୟ ଜନଜାତି ସଶକ୍ତିକରଣ ଓ ସଂଖ୍ୟାଲଘୁ ବ୍ୟାପାର)ଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟା ସୁଜାତା ହୋ, ଅସ୍ତକୁଅଁର ସରପଞ୍ଚ ପ୍ୟାରୀ ଟୁଟି, ଗୁଡୁଗୁଡ଼ିଆ ସରପଞ୍ଚ ପଦ୍ମିନୀ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ସମାୟ ପୂର୍ତ୍ତି, ଲମ୍ବୋଦର ସିଂ, ଯୁବନେତା ଜୁରିଆ ଚାତାର, ଘାସିରାମ ହାଁସଦା, ବିଜେଡି ଯୁବ ସମ୍ପାଦକ ରାଜୁ ତିଉ ପ୍ରମୁଖ ରାଜ୍ୟ ଜଙ୍ଗଲ, ପରିବେଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି । ଆଲୋଚନା ସମୟରେ ୩ଟି ପଞ୍ଚାୟତ ଅଧିବାସୀଙ୍କୁ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ସମସ୍ୟା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମନ୍ତ୍ରୀ ଶ୍ରୀ ବେହେରା ମୁଖ୍ୟ ବନ ସଂରକ୍ଷକ ସହିତ ମଧ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଶିମିଳିପାଳ ମଧ୍ୟରେ ଟାୱାର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ସୂଚନା ଦେଇଥିଲେ । ପ୍ରତିନିଧିମାନେ ଶିମିଳିପାଳର ଉନ୍ନୟନ ପାଇଁ ୧ କୋଟି ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ମନ୍ତ୍ରୀ କହିଥିଲେ କି, ରାସ୍ତାଘାଟ ମରାମତି ସହିତ ଉଭୟ ପାଶ୍ୱର୍ରେ ଡ୍ରେନ୍ ବ୍ୟବସ୍ଥା ମଧ୍ୟ ବନବିଭାଗ ପକ୍ଷରୁ କରାଯିବ ଏବଂ ଶିମିଳିପାଳ ଉନ୍ନୟନ ପାଇଁ ଅର୍ଥର କୌଣସି ଅଭାବ ରଖାଯିବ ନାହିଁ । ମୁଖ୍ୟ ବନ ସଂରକ୍ଷକ ଦିଲ୍ଲୀ ଗସ୍ତରେ ଥିବାରୁ ସେ ଫେରିଲେ କାର୍ଯ୍ୟର ଅଗ୍ରଗତି ହେବ ଓ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଅତିଶୀଘ୍ର ଶିମିଳିପାଳ ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି । ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସୂଚନା ପ୍ରଯୁକ୍ତି ସଂଯୋଜକ ସୁବ୍ରତ ଛାଟୋଇ, ଜିଲ୍ଲା ସହ-ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ମଧ୍ୟ ଦାବିଗୁଡିକ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ବୋଲି ସକାରାତ୍ମକ ସଂକେତ ଦେଇଥିବା ଜଣାଯାଏ ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୧୯ ।୧୨(ସମିସ):** ଜଣେ ନବବଧୂଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ତିରିଂ ଥାନା ରଘୁନାଥପୁର ଗାଁର ବୀରସିଂ ଜଙ୍କ୍ଙ୍କ ସ୍ତ୍ରୀ ସୋମବାରି ବାନସିଂ (୨୯) ହଠାତ ଅସୁସ୍ଥ ହେବା ପରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ନବବଧୂଙ୍କ ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ସୋମବାରୀଙ୍କ ୩ ମାସ ପୂର୍ବରୁ ବିବାହ ହୋଇଥିଲା । ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି ।

# ଦୁଇଦିନିଆ ସର୍ବଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗିତା



**ବାରିପଦା ୧୯ ।୧୨(ସମିସ):** ବାରିପଦା ସହିଦ ସ୍ମୃତି ଭବନରେ ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ, ପୁରୀ ତରଫରୁ ଦୁଇ ଦିନିଆ ସର୍ବଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟର କ୍ରୀଡା କାଉନସିଲ ସମ୍ପାଦକ ଡା ପ୍ରଭଞ୍ଜନ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ମହାଶକ୍ତି ଗାୟତ୍ରୀ ଚାବ୍ରିଟେବୁଲ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ କାଳି ଚରଣ ମିଶ୍ର ଓ ସାଂସ୍କୃତିକ ସମ୍ପାଦକ ଜ୍ୟୋତିରଞ୍ଜନ ଦାଶ ଉପସ୍ଥିତ ଥିଲେ । ଦୁଇଦିନ ଧରି ଚାଲିଥିବା ଏହି ସର୍ବ ଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗିତାରେ ଓଡ଼ିଶା ସମେତ ତାମିଲନାଡୁ, ଝାଡ଼ଖଣ୍ଡ, ତ୍ରିପୁରା, ହାଇଦ୍ରାବାଦରେ ଓ ଆନ୍ଧ୍ରପ୍ରଦେଶରୁ ୨୦୦ରୁ ଅଧିକ ବିଭିନ୍ନ ବର୍ଗର ଉଭୟ ବାଳକ, ବାଳିକା ଏବଂ ପୁରୁଷ, ମହିଳା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । କୁନି କୁନି ପିଲାଙ୍କ ଯୋଗାସନ ବିଶେଷ ଆକର୍ଷଣ ଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସନ୍ତୋଷ କୁମାର ବିଶ୍ୱାଳ, ନରେଶ ଗଡ଼ ତାଲା, ବିକ୍ରମଦେବ ନାଥ, ହିମାନି ପାତ୍ର ଓ ଅଭିଷେକ ପଣ୍ଡା ଯୋଗଦେଇଥିଲେ । ଜୁନିଅର ବିଭାଗରେ କ୍ରିଷ୍ଣା ଦାସ (ଓଡ଼ିଶା) ଚମ୍ପିୟାନ ହୋଇଥିବା ବେଳେ ମାନ୍ଦା ହାନଭିକା (ହାଇଦ୍ରାବାଦ) ପ୍ରଥମ ରନର୍ସ ଅପ ଓ ଶାଶ୍ୱତ କୁମାର ରଞ୍ଜିତ (ଓଡ଼ିଶା) ଦ୍ୱିତୀୟ ରନର୍ସ ଅପ ହୋଇଥିଲେ ଓ ସିନିୟର ବିଭାଗରେ ଓଡ଼ିଶାର ଗାର୍ଗୀ ଗୀତିକା ଦାସ ଚାମ୍ପିୟନ ହୋଇଥିବା ବେଳେ ଦେବାଶିଷ ବାରିକ ପ୍ରଥମ ଏବଂ ଗୌରାଙ୍ଗ ବେହେରା ଦ୍ୱିତୀୟ ରନର୍ସ ଅପ ହୋଇଥିଲେ । ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ବାରିପଦା ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଦାଶ ଓ ଅନ୍ୟାନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ‘୫-ଟି’ ଅଧ୍ୟକ୍ଷଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ବାରିପଦା, ୧୯ ।୧୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ । ୧୦,୨୧୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ୨,୭୦,୯୦୦ ଏକର ଚାଷଜମି ଜଳସେଚିତ ହୋଇପାରିବ । ସମୀକ୍ଷାରୁ ଜଣାଯାଇଥିଲା ଯେ ୨୦୨୪ ମେ ସୁଦ୍ଧା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଶେଷ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜୁନ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଏହି ଅବସରରେ ଶ୍ରୀ ପାଣ୍ଡିଆନ ଦେଓ, ଉଦଳାର ସୋନ ପ୍ରକଳ୍ପ, ଖଇରୀ ବନ୍ଧନ ପ୍ରକଳ୍ପ ଓ କ୍ଲଷ୍ଟର ବୃହତ ଉଠାଜଳସେଚନ ପ୍ରକଳ୍ପ ଆଦି ପ୍ରମୁଖ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ୩୨୮୨ କୋଟି ଟଙ୍କା ବିନିଯୋଗ ହେଉଥିବା ବେଳେ ଏହାଦ୍ୱାରା ୧,୧୬,୫୦୦ ଏକର ଜମି ଜଳସେଚିତ ହୋଇପାରିବ । ଏହିସବୁ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସେ ବାରିପଦାରେ ବୁଢାବଳଙ୍ଗ ଉପରେ ନିର୍ମାଣାଧୀନ ନଦୀ ବନ୍ଧ ଏବଂ ରିଙ୍ଗ ରୋଡ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏଥିପାଇଁ ୧୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି । ଏଥିସହିତ ୭୨.୬୩ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ଘାଟିରାସ୍ତା, ବାରିପଦାରେ ୪୮ କୋଟି ଟଙ୍କା ବ୍ୟୟରେ ବୁଢାବଳଙ୍ଗ ନଦୀ ଉପରେ ବୃହତ୍ ସେତୁର ନିର୍ମାଣ, ୩୦୬ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବାରିପଦାଠାରେ ୪୭.୩୫ କୋଟି ଟଙ୍କା ବ୍ୟୟରେ ଏକ କ୍ୟାନସର ହସ୍ପିଟାଲ ନିର୍ମାଣ ଆଦି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରି ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ ।

ବିଶ୍ୱବିଦ୍ୟାଳୟରେ ଭାଷା ସାହିତ୍ୟ ବିଭାଗର ଜାତୀୟ ଆଲୋଚନାଚକ୍ର

# ଉଦାରଭାବ ପୋଷଣ କଲେ ସାହିତ୍ୟ ଓ କଳାର ବିକାଶ ହେବ

**ବାରିପଦା ୧୯ ।୧୨(ସମିସ):**



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ସ୍ନାତକୋତ୍ତର ବିଭାଗର ମିଳିତ ସହଯୋଗରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡ଼ିଶା ଉଚ୍ଚ ଶିକ୍ଷା ଯୋଜନାର ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ ‘ସାହିତ୍ୟ: କଳା ଓ ସକ୍ରିୟତାବାଦ’ ଶୀର୍ଷକ ଏହି ଆଲୋଚନାଚକ୍ରରେ କୁଳପତି ପ୍ରଫେସର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସାହିତ୍ୟ ଓ କଳାର ପ୍ରାଥମିକତା ନିରୂପଣ କରିବା ଅସମ୍ଭବ ଏବଂ ସଂକୀର୍ଣ୍ଣତା ତ୍ୟାଗ କରି ଉଦାରଭାବ ପୋଷଣ କରିପାରିଲେ ସାହିତ୍ୟ ଓ କଳାର ବାସ୍ତବ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଶିନିରୁଦ୍ଧ ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସଂସ୍କୃତ ଓ ପାଣିନି ପ୍ରଣୀତ ବ୍ୟାକରଣର ପ୍ରାଚୀନତା ତଥା ସଠିକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ପଶ୍ଚିମବଙ୍ଗ ମହାଚା ଗାନ୍ଧୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ସହଯୋଗୀ ପ୍ରଫେସର ଡ. ଆଶିଷ କୁମାର ଦେ ଯୋଗଦେଇ ସାହିତ୍ୟର ତୁଳନାତ୍ମକ ଦିଗ ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ଭାଷା ସାହିତ୍ୟ ବିଭାଗର ଏହି ସମ୍ମିଳିତ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ । ପ୍ରଶିକ୍ଷଣ ନୋଡାଲ୍ ଅଧିକାରୀ ସହଯୋଗୀ ପ୍ରଫେସର ଡ. ସୁକାନ୍ତ କୁମାର ନାୟକ ଏଭଳି ଏକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ଭାଷା ସାହିତ୍ୟ ବିଭାଗଗୁଡ଼ିକୁ ସାଧୁବାଦ ଜ୍ଞାପନ କରିଥିଲେ । ଆବାହକ ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ଓ ସହଯୋଗୀ ପ୍ରଫେସର ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଅତିଥି ପରିଚୟ ଦେଇଥିଲେ । ସହ-କାର୍ଯ୍ୟକାରୀ ସମ୍ପାଦକ ତଥା ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଶକ୍ତିଶଙ୍କର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ଅନ୍ୟତମ ସହ-କାର୍ଯ୍ୟକାରୀ ସମ୍ପାଦକ ଭାବେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ, ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା, ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡ. ଭୋଳାନାଥ ଦାଶ, ହିନ୍ଦୀ ବିଭାଗର ସହକାରୀ ପ୍ରଫେସର ପ୍ରିୟରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦୁଇ ଦିନ ଧରି ହେବାକୁ ଥିବା ଏହି ଆଲୋଚନାଚକ୍ରର ଦ୍ୱିତୀୟ ଦିବସରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବଚରଣ ସାମଲ ଓ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ସହଯୋଗୀ ପ୍ରଫେସର ଡ. ରତନ ହେମ୍ବ୍ରମ୍ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ବେତନଟୀ କଲେଜର ୪୪ତମ ବାର୍ଷିକୋତ୍ସବ

**ବେତନଟୀ,୧୯ ।୧୨(ସମିସ):** ଜୀବନରେ ବଡମଣିଷ ହେବାକୁ ହେଲେ ବଡଘରେ ଜନ୍ମହେବାର ଆବଶ୍ୟକତା ନାହିଁ; ବରଂ କଠିନ ପରିଶ୍ରମ ଏବଂ ଦୃଢ ଆତ୍ମବିଶ୍ୱାସ ଜରୁରୀ ବୋଲି ସୋମବାର ଆୟୋଜିତ ବେତନଟୀ କଲେଜର ୪୪ତମ ବାର୍ଷିକ ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହା କହିଛନ୍ତି । କଲେଜ ଅଧ୍ୟକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟବକ୍ତା ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀଙ୍କ ପାଠପଢ଼ା ନିମନ୍ତେ ନିକଟରେ ୫-ଟି ରୂପାନ୍ତରଣରେ କଲେଜକୁ ସାମିଲ କରାଯାଇ ଦେଢକୋଟିର ବ୍ୟୟବରାଦରେ ନିର୍ମାଣ ହେଉଥିବା ସ୍ମାର୍ଟକ୍ଲାରୁମ, ଇ-ଲାଇବ୍ରେରୀ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ଏହାର ସଦୁପଯୋଗ ଏବଂ ସମୟର ସୁବିନିଯୋଗ ତଥା ଗୁରୁଙ୍କ ଆଦେଶକୁ ମାନି ତଦନୁଯାୟୀ ନିଷ୍ଠାର ସହିତ କଲେ କିଭଳି ଜୀବନରେ ସଫଳତା ମିଳିପାରିବ ବୋଲ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ବିକାଶ ଭୋଇ ସ୍ୱାଗତ ଭାଷଣ, ଅତିଥି ପରିଚୟ, ମଞ୍ଚପରିଚାଳନା କରିଥିଲେ । ପରେ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



# ବେତନଟୀ କଲେଜରେ ସମନ୍ୱିତ ଯୁବ ବିକାଶ ଅଭିଯାନ

ବେତନଟୀ,୧୯ ।୧୨(ସମିସ): ସମନ୍ୱିତ ଯୁବବିକାଶ ଅଭିଯାନ ପରିପ୍ରେକ୍ଷୀରେ ସାମାଜିକ କାର୍ଯ୍ୟ ବେତନଟୀ କଲେଜ ପରିସର ଓଏନଜିସି ଅଡିଟୋରିୟମ ହଲରେ ଆୟୋଜିତ ହୋଇଯାଇଛି। ଯୁକ୍ତଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ଯୁକ୍ତତିନି ସ୍ନାତକ କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଥ ରେଡକ୍ରସ, ଜାତୀୟସେବା ଯୋଜନା (ଏନଏସଏସ) ଏବଂ ରୋଭର୍ସ ରେଞ୍ଜର୍ସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତ, ଗଭର୍ଣ୍ଣିଂବଡି ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ବେତନଟୀ ସମିତିସଭ୍ୟ ରଣଜିତ ସିଂ, ନୋଡାଲ ଅଫିସର ଡ. ଚିତ୍ତରଞ୍ଜନ ରାଉତ, ରେଞ୍ଜର୍ସ ଲିଡର ତରୁଲତା ମଲ୍ଲିକ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବାଳିମଣି ସିଂ ପ୍ରମୁଖ ଯୋଗଦେଇଥିଲେ। ସମନ୍ୱିତ ଯୁବବିକାଶ ଅଭିଯାନରେ ସାମାଜିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ସାମାଜିକ କାର୍ଯ୍ୟଧାରା ଦ୍ୱାରା କିଭଳି ଏହା ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ଗଠନମୂଳକ ପ୍ରଭାବ ପକାଇଥାଏ ସେ ନେଇ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା। କବିତା ମାଧ୍ୟମରେ ଡ. ଚିତ୍ତରଞ୍ଜନ ରାଉତ, ଏନଏସଏସ, ଯୁଥ ରେଡକ୍ରସ ଏବଂ ରୋଭର୍ସ ରେଞ୍ଜର୍ସ ପକ୍ଷରୁ ହାତକୁ ନିଆଯାଉଥିବା ବିଭିନ୍ନ ସାମୂହିକ ତଥା ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱଚ୍ଛତା ଅଭିଯାନରେ କଲେଜ ତଥା ଏହାର ପରିସରକୁ ସଫେଇ କରାଯାଇ ଆବର୍ଜନାମୁକ୍ତ କରାଯାଇଥିଲା। ଏଥିରେ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୀମାନ୍ତ କୁମାର ଜେନା, ଅଧ୍ୟାପକ ରାଜନ ମିଶ୍ର, ମଦନ ବେହେରା, ଜୟନ୍ତୀ ପାଲ, ରୀନାରାଣି ଦାସ, କଳ୍ପଲତା ବେହେରା, ଅର୍ଚ୍ଚନା ମୁର୍ମୁ, ରଞ୍ଜିତ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ତେବେ ଦୈବୀଦୁର୍ବିପାକ, ଆକସ୍ମିକ ବିପତ୍ତିକୁ କିଭଳି ଉପସ୍ଥିତ ବୁଦ୍ଧି ଏବଂ ହାତପାହାନ୍ତାରେ ଉପଲବ୍ଧ ବିଭିନ୍ନ ସାଧନ ଦ୍ୱାରା ଏହାକୁ ପ୍ରତିହତ କରାଯାଇ ନିଜର ତଥା ଅନ୍ୟମାନଙ୍କର ଧନଜୀବନକୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ସମାପନ ପରେ ସମନ୍ୱିତ ଯୁବବିକାଶ ସମ୍ପର୍କିତ ସ୍ଲୋଗାନ ଦିଆଯାଇଥିଲା। ଶେଷରେ ଅଧ୍ୟାପିକା ଅର୍ଚ୍ଚନା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



କୁଆମରା,୧୯ ।୧୨ (ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୁଣାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ୧୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ, ମୁଖ୍ୟବକ୍ତା ଅଧ୍ୟାପକ ଶ୍ୟାମସୁନ୍ଦର ଗୟା, ସମ୍ମାନିତ ଅତିଥି ସମିତି ସଭ୍ୟା ବନସ୍ମିତା ସିଂ, କାର୍ଯ୍ୟକ୍ରମ ନୋଡାଲ ଅଫିସର ଜୟନ୍ତ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସୁଧିର କୁମାର ରୂପ ଓ ମୁକ୍ତିପ୍ରିୟ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କ୍ରୀଡା, ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଜୟନ୍ତ କୁମାର ପ୍ରଧାନ, କାର୍ତ୍ତିକ କୁମାର ମହାପାତ୍ର, ଅମର କୁମାର ନାୟକ, ଅଧ୍ୟାପିକା ଉର୍ମିଳା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା ଅଭିଯାନ



ଖିଚିଂ/ଶୁକୃଲି, ୧୯।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୃଲି ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ମା' କୀଚକେଶ୍ୱରୀଙ୍କ ପୀଠରେ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସଂଗ୍ରାମ କେଶରୀ ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କ୍ ଖିଚିଂ ଶାଖା ପରିଚାଳକ ମାଳତୀ ମୁର୍ମୁ ଓ ପୂଜକ ଦିଲୀପ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତା ଉପରେ ବାର୍ତ୍ତା ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶେଷରେ ମନ୍ଦିର ବେଢ଼ାକୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସଫେଇ କରିଥିଲେ।

## ବାଳିକା ଓ ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ

କରଞ୍ଜିଆ,୧୯।୧୨(ସମିସ): କରଞ୍ଜିଆ ଷ୍ଟାଡିୟମରେ ଚାଲୁଥିବା କ୍ରୀଡା ଓ ଯୁବସେବା କାର୍ଯ୍ୟକ୍ରମରେ ଆଜି ୪ଟି ବାଳିକା ଓ ୧୬ଟି ପୁରୁଷ ଫୁଟବଲ ଦଳ ଭାଗ ନେଇଥିଲେ। ବାଳିକା ଫୁଟବଲ ଦଳ ପକ୍ଷରୁ ଡାଟୋ କନ୍ୟାଶ୍ରାମ ଦଳ ୩-୨ଗୋଲରେ କରଞ୍ଜିଆ ସନସାଇନକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ପୁରୁଷ ଦଳର ପକ୍ଷରୁ ଭାଡୁବେଡ଼ା, ସରାଙ୍ଗଗଡ଼,ଆଣ୍ଟି-୧୧,ଶିମିଳିପାଳଉଚ୍ଚବିଦ୍ୟାଳୟ,ଆଦିଲବେଡା,ତୁଳସୀପୋଷିଓବାବୁ ପଞ୍ଚମେଶ୍ୱର ଦଳ ପରବର୍ତ୍ତୀ ଖେଳକୁ ଉନ୍ନୀତ ହୋଇଛନ୍ତି। ଏମାନେ ଆସନ୍ତାକାଲି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଖେଳିବେ। ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ଚାଲୁଥିବା ଏହି ଫୁଟବଲ ପ୍ରତିଯୋଗିତାକୁ ତହସିଲଦାର ଦିବାକର ମାଝୀ, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ନାୟକ ପ୍ରଭାକର ବାଗସିଂ ପରିଚାଳନା କରିଥିଲେ।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ମହୁଲଡିହା,୧୯।୧୨( ସମିସ) ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ପାଠ ପଢା ସହିତ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାତକୋଶିଆ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରଣା ଯୋଗଦେଇ ପାଠ ପଢା ସହିତ କ୍ରୀଡ଼ା ଉପରେ ମନୋନିବେଶ କରିବା ଉପରେ ବକ୍ତବ୍ୟ ପ୍ରଦାନ ଥିଲେ। ସମ୍ମାନିତ ଅତିଥି ଭାବେ ସାତକୋଶିଆ ସରପଞ୍ଚ ଚାନ୍ଦମଣୀ ଜାରିକା, ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସହ ସମ୍ପାଦକ ଗୋଲାପ ଦାସ ପ୍ରମୁଖ ଯୋଗଦେଇ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶୁକୃଲି ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

ଶୁକୃଲି,୧୯ ।୧୨(ସମିସ): ଶୁକୃଲି ବରିଷ୍ଠ ନାଗରିକଙ୍କୁ ନେଇ ଏକ ବନ୍ଧୁମିଳନ ଖିଚିଂର ଐତିହାସିକ ବିରାଟଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ସଭାପତି କାହ୍ନୁଚରଣ ଗିରି ସଭାପତିତ୍ୱ କରିଥିଲେ। ଶୁକୃଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଶାନ୍ତନୁ ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କରଞ୍ଜିଆ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସର୍ବେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଅଭିମନ୍ୟୁ ତ୍ରିପାଠୀ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ରରୁଆଁ ଥାନା ଅଧିକାରୀ ସୁମନ୍ତ କୁମାର ସେଠୀ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ସୁଖଦୁଃଖର ସାଥୀ ହୋଇ ସର୍ବଦା ସାହାଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସେମାନଙ୍କୁ ତୁରନ୍ତ ପରିଚୟ ପତ୍ର ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଉପସଭାପତି ପ୍ରସନ୍ନ କୁମାର ପଣ୍ଡା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ନଗେନ ପାଲ, ଉପ ସମ୍ପାଦକ ଶ୍ରୀପତି କାରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୁଳସ୍ତରୀୟ ଖେଳକୁଦ ସମାରୋହ

ଶୁଳିଆପଦା, ୧୯।୧୨(ସମିସ): ଶୁଳିଆପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୮ତମ ସଙ୍କୁଳ ସ୍ତରୀୟ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି ଶିଶୁ ମନ୍ଦିରର୧୬୭ ଜଣଶିଶୁଭାଇଭଉଣୀଅଂଶଗ୍ରହଣକରିଥିଲେ। ଖେଳରେପ୍ରଥମ, ଦ୍ୱିତୀୟଓ ତୃତୀୟସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ସଙ୍କୁଳସ୍ତରୀୟ କ୍ରୀଡାରେ ଭାଗ ନେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଧ୍ୱଜ ପ୍ରଦର୍ଶିତ ହେବା ପରେ ଅତିଥିମାନେ ଉଦଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ବ୍ଲକ୍ ଆଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ ମନୋରଞ୍ଜନ ଗିରି, ସଙ୍କୁଳ ସଂଯୋଜକ ସୁଧିର କୁମାର ମହାନ୍ତ, ସଙ୍କୁଳ ଶାରିରୀକ ପ୍ରମୁଖ ଶରତ ଚନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କାଦୁ ଚାପିଆର୍ ଅତିଥି ପରିଚୟ ଓ ସମ୍ପାଦକ ନୀଳକଣ୍ଠ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା' ରଶ୍ମିତା ଜେନା ବନ୍ଦନା ପରିଚାଳନା କରିଥିଲେ। ଏହି ସମାରୋହରେ କୋଷ୍ଟା ଶିଶୁ ମନ୍ଦିର ସର୍ବାଧିକ ୪ଟି ବିଭାଗରେ ପୁରସ୍କୃତ ହୋଇଥିବା ବେଳେ ଚିତ୍ରଡା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ଶାରୀରିକ ପ୍ରମୁଖ ଶରତ ଚନ୍ଦ୍ର ମହାନ୍ତ କ୍ରୀଡାର ମୁଖ୍ୟ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଓ ଶିଶୁ ମେଳା

ଖୁଣ୍ଟା, ୧୯ ।୧୨(ସମିସ): ବି.ସି.ପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଦଶମ ସାମ୍ବତ୍ସରିକ ଉତ୍ସବ ସହ ଶିଶୁ ମେଳା ଏବଂ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କବି ବାସୁଦେବ ନାପିତଙ୍କ ଦ୍ୱାରା ସାରସ୍ୱତ ପତାକା ଉତ୍ତୋଳନ ପରେ ଭାରତମାତା, ବିବେକାନନ୍ଦ ଏବଂ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରାରମ୍ଭରେ କବିତା ପାଠୋତ୍ସବ ସହ ଜିଲ୍ଲାସ୍ତରୀୟ କବିତା ଓ ଲେଖକଙ୍କ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। କବିଶ୍ରୀ ଶିବଶଙ୍କର ଭୂୟାଁ କବିତା ପାଠ ଉତ୍ସବ ସଂଯୋଜନା କରିଥିବା ବେଳେ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ନିଶା ମଣି ରାଉତ। ମୁଖ୍ୟ ଅତିଥି ଭାବେ ସତ୍ୟବ୍ରତ ମିଶ୍ର, ମୁଖ୍ୟ ବକ୍ତା ଭାବେ ବୃନ୍ଦାବନ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ପୁଷ୍ପଲତା ମାର୍ଣ୍ଡି, ସୁନୀତି ମାର୍ଣ୍ଡି, ଇନ୍ଦ୍ରମଣି ବିନ୍ଧାଣି, ପ୍ରଫୁଲ୍ଲ ଚନ୍ଦ୍ର ଖିଲାର, ସନ୍ତୋଷ କୁମାର ପତି, ଦେବବ୍ରତ ତ୍ରିପାଠୀ, ପରମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କବି ପରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବଡାମତଳିଆ ଲ୍ୟାମ୍ପସରେ ଖୋଲିଲା ଧାନମଣ୍ଡି

ବିଜାତଳା,୧୯।୧୨(ସମିସ): ଖଣ୍ଡ ପଞ୍ଚାୟତ ବଡାମତଳିଆ ଲ୍ୟାମ୍ପସରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଲ୍ୟାମ୍ପସ ସଭାପତି ଚକ୍ରଧର ମାଝୀ ମଣ୍ଡି ଉଦଘାଟନ କରିଥିଲେ। ଏମିତି ତାପସ ରଂଜନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ କାହ୍ନା ମାହାଲି ଯୋଗ ଦେଇଥିଲେ। ସପ୍ତାହର ସୋମବାର ଓ ବୁଧବାର ଟୋକନ ପାଇଥିବା ଚାଷୀ ଧାନ ବିକ୍ରୟ କରି ପାରିବେ ବୋଲି ସୂଚନା ଦିଆଯାଇଥିଲା।



## ସମର୍ଥା ନାରୀ ନେତୃତ୍ୱର ଅନ୍ୟ ନାମ କାର୍ଯ୍ୟକ୍ରମ

କରଞ୍ଜିଆ,୧୯।୧୨(ସମିସ): କରଞ୍ଜିଆ ସମର୍ଥା, ନାରୀ ନେତୃତ୍ୱର ଅନ୍ୟନାମ ବିଭାଗର ଏକ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ୨୩୦୦ରୁ ଅଧିକ ମାଆ ଓ ଭଉଣୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ସୁଶ୍ରୀ ପ୍ରଜ୍ଞା ମହଲା ଯୋଗ ଦେଇ ଅଖିଳ ଭରତୀୟ ସଂଯୋଜକା ଦୁର୍ଗା ବାହିନୀ ଓ ଭାରତୀୟ ଚିନ୍ତନରେ ମହିଳା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗ ସଂଯୋଜିକା ମଧୁସ୍ମିତା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଯଶଶ୍ୱିନୀ ବଳ କାର୍ଯକ୍ରମର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କେନ୍ଦୁଝର ଜିଲ୍ଲା ସଂଯୋଜିକା ପରିଚୟ ପ୍ରଦାନ କରିଥିଲେ। ପ୍ରାନ୍ତ ସଂଯୋଜୀକା ଗୀତାଞ୍ଜଳି ଜେନା ଦେଶର ବିକାଶରେ ମହିଳାଙ୍କ ଭୂମିକା ଉପରେ କହିଥିଲେ। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଂଯୋଜିକା ବିନା ରାମ, ପୂର୍ବ ମୟୂରଭଞ୍ଜ ଜିଲ୍ଲା ପାନ ମାରାଣ୍ଡି ଓ ସହ ଜିଲା ସଂଯୋଜିକା ଅପର୍ଣ୍ଣା ସାହୁ, ବିଭାଗ ପ୍ରଭାରୀ ଝରଣା ଜେନା ଓ କିରଣ ବାଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁଶ୍ରୀ ଶୁଭମ ନାୟକ, ତୁଳସୀ ନାୟକ, ତାରାବତୀ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା।



## ଜାମଶୋଳାରେ ଚାଲିଛି ବେଧଡକ ଜୁଆ ଖେଳ

ଝାରପୋଖରିଆ,୧୯।୧୨(ସମିସ): ଝାରପୋଖରିଆ ଥାନାରେ ଦୀର୍ଘ ଦିନ ଥାନା ଅଧିକାରୀ ନଥିବାରୁ ଜାମଶୋଳା ଅଞ୍ଚଳରେ ବେଧଡକଭାବେ ଜୁଆଖେଳ ଚାଲିଛି। ଥାନା ଅଧିକାରୀ ନ ଥିବାରୀ ବର୍ତ୍ତମାନ ଝାରପଖୋରିଆ ଥାନା ଅଞ୍ଚଳ ହୁଗୁଳା ହୋଇଯାଇଛି। ବହୁ ସ୍ଥାନରେ ବିଭିନ୍ନ ଢ଼ଙ୍ଗରେ ଜୁଆ ଖେଳ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ଏହି ଥାନାର ସୀମାଟି ପାଖାପାଖି ୪୦କିମି ପରିବ୍ୟାପ୍ତ। ଏହାର ସୀମାକୁ ଲାଗିରହିଛି ଦୁଇଟି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ। ଜାମଶୋଳା ଥାନାରୁ ମାତ୍ର ୯ କିମି ଦୂରରେ ରହିଛି। ଏହି ଅଞ୍ଚଳ ଏବେ ବିଭିନ୍ନ ଅନୈତିକ କାର୍ଯ୍ୟରେ ବୁଡି ରହିଛି। ଯଦି ଥାନା ନିକଟରେ ଦିନ ରାତି ଜୁଆ ଖେଳ ଚାଲୁ ରହିଛି ତେବେ ଅନ୍ୟ ଅଞ୍ଚଳ ବିଷୟରେ କହିବା ଉଚିତ ହେବ ନାହିଁ। ଜୁଆ ଖେଳରୁ ବହୁ ପରିବାର ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ଜାମଶୋଳାର ନିର୍ଦ୍ଦିଷ୍ଟ ଦୁଇଟି ସ୍ଥାନରେ ଏହି ଜୁଆ ଖେଳ ବେଧଡକ ଭାବେ ଦିନରାତି ଚାଲୁଛି। ରାସ୍ତାକଡରେ ଥିବା ଡାବାଗୁଡିକରେ ମଧ୍ୟ ରାତି ୮ଟା ରୁ ୧୨ଟା ମଧ୍ୟରେ ଜୁଆ ଖେଳ ହେଉଥିଲେ ମଧ୍ୟ ପୁଲିସ ନିରବଦ୍ରଷ୍ଟା ସାଜି ଥିବାରୁ ଅଞ୍ଚଳବାସୀ ଭୟରେ ରହୁଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୁଆମରା,୧୯।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ଦାସ (୭୨)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସେ ବଡସାହି ବ୍ଲକ ଚାନ୍ଦଡିହା ବାସନ୍ତୀ ଦେବୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକତା କରୁଥିବା ସମୟରେ ୨୦୧୨ ମସିହାରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ହୃଦଘାତ ଓ ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଦୁଇ ଦିନ ତଳେ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ରଗ୍‌ବୀ ପ୍ରଶିକ୍ଷଣ ଓ ଖେଳାଳି ଚୟନ




ଠାକୁରମୁଣ୍ଡା,୧୯।୧୨(ସମିସ): ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଲ ଇଣ୍ଡିଆ ରଗବୀ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଖେଳାଳି ଚମ୍ପାଝରଠାରେ ଅନୁଷ୍ଠିତ ହୋଇଯାଇଛି। ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ରଗବୀ ତାରକା ଦିବ୍ୟରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ବାଳିକା ବର୍ଗରୁ ୮ଟି ଟିମ ଓ ବାଳକ ବର୍ଗରୁ ୪ଟି ଟିମ ଅଂଶ ଗ୍ରହଣ କରିଥିଲେ। ଏଥିରେ ଖେଳାଳି ଚୟନ କରାଯାଇଥିଲା। ଷ୍ଟେଟବ୍ରିଗେଡ ବିଦ୍ୟାଳୟର ଅଧ୍ୟକ୍ଷ ଦେବ ପ୍ରସାଦ ସେଠୀ ଓ ଅବସରପ୍ରାପ୍ତ ବନ ନିଗମ କର୍ମଚାରୀ ପଦ୍ମଲୋଚନ ନନ୍ଦ ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେବାଶ୍ରମର ପ୍ରଧାନ ଶିକ୍ଷକ ସାର୍ଦ୍ଦିକ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ରାଇଡର ଓ ଫାଇଟର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ବାଳକ ବିଭାଗରେ ବ୍ରେକର ଏବଂ ଷ୍ଟ୍ରାଇକର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରେକର୍ ୧୫-୦ରେ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚାଲେଞ୍ଜର ଓ ଫାଇଟର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିବାବେଳେ ଚାଲେଞ୍ଜର ୫-୦ରେ ଜିତି ଚାମ୍ପିଅନ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଜବାମଣି ଟୁଡୁ, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାର୍ଦ୍ଦିକ ପଣ୍ଡା ଯୋଗ ଦେଇ ଚାମ୍ପିଅନ ଓ ରନସ୍‌ଅପ୍ ଦଳକୁ ପୁରସ୍କୃତ କରିଥିଲେ।

## ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଖୁଣ୍ଟା,୧୯।୧୨(ସମିସ): ଖୁଣ୍ଟା ବ୍ଲକ ଅଧୀନ ଡି. ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁ ଏହି କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ଦିଗରେ ଏହି କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଦୁଇଦିନି ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ବିଭାଗରେ ଖେଳ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ସୂତ୍ରରୁ ଜଣାପଡିଛି।

## ବ୍ୟାଡମିଣ୍ଟନ ଓ ଭଲିବଲ କ୍ରୀଡ଼ା ପ୍ରତିଯୋଗିତା

ରାଇରଙ୍ଗପୁର,୧୯ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ଏସ୍.ବି.ଏମ୍ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ ଅନୁଷ୍ଠାନର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୋଡ଼ାଲ୍ ଅଫିସର୍ ତଥା ଖେଳ ଶିକ୍ଷକ ରଜତ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତ, ଅଧ୍ୟାପକ ବଳରାମ ମହାନ୍ତ, ସୁକାନ୍ତ କୁମାର ମହାନ୍ତି, ମାନସ କୁମାର ପରିଡ଼ା, ସତ୍ୟବାନ ସାହୁ, ଲମ୍ବୋଧର ମହାନ୍ତ, ଶାନ୍ତନୁ କୁମାର ଧଳ, ଦୀପା ମହାନ୍ତ, ଇତିଶ୍ରୀ ମହାନ୍ତି, ପ୍ରିୟଙ୍କା ପଟବନ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

### ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ନେଇ ସଚେତନତା ସଭା

# ଶାଳପତ୍ର ଦନା ଓ ଖଲି ବ୍ୟବହାର ପାଇଁ ପର୍ଯ୍ୟଟକଙ୍କୁ ପରାମର୍ଶ

ଝରାଡ଼ିହି,୧୯।୧୨(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ନେସାବନ୍ଧଠାରେ ରାଇରଙ୍ଗପୁର ବନଖଣ୍ଡ ଓ ବହଳଦା ବନାଞ୍ଚଳ ପକ୍ଷରୁ ବଣଭୋଜି ଅଞ୍ଚଳରେ ପ୍ଲାଷ୍ଟିକ ମୁକ୍ତ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବହଳଦା ବନାଞ୍ଚଳ ଅଧିକାରୀଣୀ ରେଞ୍ଜର ସୁମତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଡିଏଫଓ ଶିବପ୍ରସାଦ ରଥ, ପରିବେଶବିତ୍ ଲଳିତ ମହାନ୍ତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଏସିଏଫ୍ ପ୍ରଭାକର ମଲ୍ଲୀକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା, ହଳଦୀବଣି ପ୍ରଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମୋହନ ଜ୍ୟୋତିଷ, ବିଦ୍ୟାଳୟ ପରିଚାଳନା ସଭାପତି ଲକ୍ଷ୍ମଣ ବାସ୍କେ ଓ ସମ୍ବାଦିକ ବସନ୍ତ ସାଣ୍ଡିଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ, ହଳଦୀବଣି ବନସୁରକ୍ଷା ସମିତି ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ବିଭିନ୍ନ ସ୍ଲୋଗାନ ମାନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଅନୁଷ୍ଠିତ ସାଧାରଣ ସଭାରେ ଅତିଥିମାନେ ପ୍ଲାଷ୍ଟିକର ଅପକାରିତା ଉପରେ ଲୋକଙ୍କୁ ବୁଝାଇଥିଲେ। ପ୍ଲାଷ୍ଟିକ ଦ୍ୱାରା ଜଳ, ସ୍ଥଳ, ପବନ ପ୍ରଦୂଷିତ ହେବାସହ ଜୀବଜଗତ ଉପରେ କିପରି ବିଷାକ୍ତ ପ୍ରଭାବ ପଡିଥାଏ ସେ ନେଇ ବକ୍ତବ୍ୟ ରଖିଥିଲେ। ବନଖଣ୍ଡ ଅଧିକାରୀଙ୍କ ପ୍ରୟାସ ଅନୁସାରେ ବନାଞ୍ଚଳ କର୍ମଚାରୀ ଓ ବନସୁରକ୍ଷା ସମିତି ସଦସ୍ୟଙ୍କୁ ନେଇ ଏକ ସ୍କ୍ୱାଡ (ଟିମ୍) ଗଠନ କରାଯାଇ ବଣଭୋଜି ସମୟରେ ଲୋକଙ୍କୁ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରକୁ ବାରଣ କରାଯିବା ସହ ସଚେତନ କରାଯିବା ବ୍ୟବସ୍ଥା କରାଯାଇଛି। ଏହାଛଡା ବଣଭୋଜି ସ୍ଥଳରେ ଆବର୍ଜନା କୁଣ୍ଡ ସ୍ଥାପନ କରାଯାଇ ବର୍ଜ୍ୟବସ୍ତୁ ପକାଯିବାର ବ୍ୟବସ୍ଥା କରାଯିବା ନିଷ୍ପତ୍ତି ନିଆଯାଇଛି। ଥର୍ମକୋଲ (ସୋଲ) ଥାଳି ଓ ଦୋନା ପରିବର୍ତ୍ତେ ଶାଳପତ୍ର ତିଆରି ଖଲି ଓ ଦନା ଇତ୍ୟାଦି ବ୍ୟବହାର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି। ବଣଭୋଜି ସ୍ଥଳରେ ବନ ବିଭାଗ ପକ୍ଷରୁ ଶାଳପତ୍ର ତିଆରି ଖଲିପତ୍ର ଓ ଦନା ପର୍ଯ୍ୟଟକମାନେ ବ୍ୟବହାର ପାଇଁ ମଧ୍ୟ ବ୍ୟବସ୍ଥା କରାଯିବା ଲକ୍ଷ ରଖାଯାଇଛି। କାର୍ଯ୍ୟକ୍ରମରେ ହଳଦୀବଣୀ ଅଙ୍ଗନବାଡି କର୍ମୀ ରାଣୀମଣୀ ଟୁଡୁ, ହଳଦୀବଣି ବନସୁରକ୍ଷା ସମିତି ଏନିମେଟର ରଶ୍ମିତା ମୁଣ୍ଡାରୀ ଓ ବନସୁରକ୍ଷା ସମିତି ସଭାପତି ଗୁରୁଚରଣ ମୁଣ୍ଡା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।



# 'ଫ-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ବ୍ଲକ୍ ଉପାଧ୍ୟକ୍ଷ

**ଆନନ୍ଦପୁର, ୧୯।୧୨(ସମିସ):** ହାଟଡିହି ବ୍ଲକ ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ରତିକାନ୍ତ ରାଉତ 'ଫ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ବଞ୍ଚୋଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଗତ ରବିବାର ସେ 'ଫ-ଟି' ସଚିବଙ୍କୁ ଭେଟିବା ସହିତ ହାଟଡିହି ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ବଞ୍ଚୋ, ଅକରୁଆ ପଞ୍ଚାୟତର ଲୋକମାନେ



ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାରୁ ଉକ୍ତ ଅଞ୍ଚଳରେ ଏକ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଅନୁଭୂତ ହୋଇଛି। ସେହିପରି ହାଟଡିହି ବ୍ଲକ ଅଞ୍ଚଳରେ ଥିବା ତିନୋଟି ଯୁକ୍ତ ଦୁଇ କଲେଜରେ ଯୁକ୍ତ-୩ ବିଜ୍ଞାନ ବିଭାଗ ନଥିବାରୁ ଏ ଅଞ୍ଚଳର ଛାତ୍ରଛାତ୍ରୀ ବିଜ୍ଞାନ ପଢିବା ପାଇଁ ଦୂର ଦୁରାନ୍ତକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବାରୁ ହାଟଡିହି କଲେଜରେ ଯୁକ୍ତ-୩ ବିଜ୍ଞାନ ବିଭାଗ ଖୋଲିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ।

# ଘାଘରା ନାଳରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଆନନ୍ଦପୁର,୧୯।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ଦେହୁରୀ ସାହିରେ ଘାଘରା ନାଳରେ ବୁଡିଯାଇ କାଣୀ ଦେହୁରୀ ନାମକ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ସେ ଆଜି ସକାଳୁ ଘାଘରା ନାଳକୁ ସ୍ନାନ ଶୌଚ ପାଇଁ ଯାଇଥିବା ବେଳେ ନାଳ ପାଣିରେ ବୁଡିଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ମୃତଦେହକୁ ଠାବ କରିଥିଲେ। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଆନନ୍ଦପୁର ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା। ଘାଘରା ନାଳରେ ଆଖପାଖ ଅଞ୍ଚଳର ଲୋକେ ସ୍ନାନ ଶୌଚ ପାଇଁ ନିୟମିତ ଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହି ନାଳରେ ପାହାଚ କିମ୍ବା ସୁରକ୍ଷା ବ୍ୟବସ୍ଥା କରୁନଥିବାରୁ ବାରମ୍ବାର ଏପରି ଅଘଟଣ ଘଟି ଧନଜୀବନ ହାନି ହେଉଅଛି। ମୃତ ମହିଳାଙ୍କ ସ୍ୱାମୀ ମୁଳିଆ ଦେହୁରୀ ଏହି ଘଟଣାର ତଦନ୍ତ କରି ବିଭାଗୀୟ କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ଜଣାଇଛନ୍ତି।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ହାଟଡିହି, ୧୯।୧୨(ସମିସ):** ହାଟଡିହି ବ୍ଲକ ଇଞ୍ଚୋଳ ପଞ୍ଚାୟତର ଅପସରା ଗ୍ରାମର ଅଚ୍ୟୁତାନନ୍ଦ ଜେନାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। କାର୍ତ୍ତିକେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଦିବାକର ବାରିକ, ବିଶ୍ୱତାରିଣୀ କଳା ପରିଷଦର ସଂପାଦକ ବିଦ୍ୟାଧର କବି, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ମିଶ୍ର, ସଦସ୍ୟ ଗୌରହରି ଦାସ, ପ୍ରମୋଦ ପଟ୍ଟନାୟକ, ପରିକ୍ଷିତ ନାୟକ, ସୁରେନ୍ଦ୍ର ସା, ପୂର୍ବତନ ଉପସଭାପତି ପର୍ଶୁରାମ ଦାସ, ମନମୋହନ ନାୟକ, ନବଘନ ଜେନା, କାର୍ତ୍ତିକ ସା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ।

# ସୁଆଁପଦା ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା

**ଘସିପୁରା,୧୯ ।୧୨(ସମିସ):** ଘସିପୁରା ବ୍ଲକ ସୁଆଁପଦା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପକୁମାର ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି କହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଜୀବନ ଚର୍ଯ୍ୟାରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। କନିଷ୍ଠ ବାଳିକା ବିଭାଗରେ ଶ୍ରେୟାସିଂ ସୋରେନ, କନିଷ୍ଠ ବାଳକ ବିଭାଗରେ ଫରିଦ କୁମାର ଜେନା ଏବଂ ବରିଷ୍ଠ ବାଳିକା ବିଭାଗରେ ମନିଷା ନାୟକ, ବାଳକ ବିଭାଗରେ ଯୋଶେଫ୍ ହେମ୍ରମ୍ ବ୍ୟକ୍ତିଗତ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଥିଲେ। ଉଦଯାପନୀ ଦିବସରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଦିଲେଶ୍ୱର ନାୟକଙ୍କ ସଭାପତିତ୍ୱରେ ବିଜୟୀ କ୍ରୀଡ଼ାବିତମାନଙ୍କୁ ସାର୍ଟିଫିକେଟ ସହ ପଦକ ପ୍ରଦାନ କରାଯାଇଥିଲା।

# ଖଟିଆରେ ବୁହାହେଲେ ଗର୍ଭବତୀ

ତେଲକୋଇ,୧୯।୧୨(ସମିସ)



ରାସ୍ତା ନଥିବାରୁ ଖଟିଆରେ ବୁହାହେଲେ ଗର୍ଭବତୀ। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ଗୁଡିନରଦା ଗାଁରେ। ଉକ୍ତ ଗ୍ରାମରେ ବାରମ୍ବାର ଏଭଳି ନଗ୍ନଚିତ୍ର ଦେଖିବାକୁ ମିଳୁଥିଲେ ମଧ୍ୟ ପ୍ରାଶାସନିକ ସ୍ତରରେ ଅବହେଳା ଯୋଗୁଁ ବହୁ ସମୟରେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ତେବେ ଆଜି ସକାଳୁ ଗାଁର ଚନ୍ଦ୍ରମଣି ଜୁଆଙ୍ଗଙ୍କ ସ୍ତ୍ରୀ ସୁମିତ୍ରା ଜୁଆଙ୍ଗଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ପଙ୍ଗା ଗାଁ ନିକଟରେ ଅଟକି ରହିଥିଲା। ଲୋକେ ସୁମିତ୍ରାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେବା ସମୟରେ ରାସ୍ତାରେ ସୁମିତ୍ରା ଅସୁରକ୍ଷିତ ଅବସ୍ଥାରେ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ଗର୍ଭବତୀଙ୍କ ନିକଟରେ ପହଞ୍ଚି ପାରିନଥିଲା। ଜଙ୍ଗଲ ରାସ୍ତାରେ ଶିଶୁ କନ୍ୟାକୁ ଜନ୍ମ ଦେଇ ସୁମିତ୍ରା ଶିଶୁକନ୍ୟାକୁ ଧରି ଘରକୁ ପଳାଇ ଯାଇଥିଲେ।

# ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ

ଘସିପୁରା,୧୯ ।୧୨(ସମିସ)



କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଆଜିଠାରୁ ରାମଚନ୍ଦ୍ରପୁର ରାମେଶ୍ୱର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଘସିପୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୨ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂହ, ଜିଲ୍ଲା ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାଏକ, ଉପସଭାପତି ନାରାୟଣ ପୂର୍ତ୍ତି, ଯୁବନେତା ଦେବାଶିଷ ପାତ୍ର, ଜିଲ୍ଲା ଆଦିବାସୀ ଉନ୍ନୟନ ସମିତି ସଦସ୍ୟ ପରେଶ କୁଅଁର, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ମଧୁସ୍ମିତା ଦାସ, ସ୍ଥାନୀୟ ସରପଞ୍ଚ ପ୍ରଦିପକୁମାର ସାହୁ, ସମିତି ସଭ୍ୟ ମନ୍ମଥ କୁମାର ସାହୁ, ବିଜୟ କୁମାର ଜେନା, ଆଇଟିଡିଏ କନିଷ୍ଠ ଯନ୍ତ୍ରୀ ବିନୟକୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତାକାଲି ଶ୍ରେଷ୍ଠତା ଭିତ୍ତିରେ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ସହ ବ୍ଲକସ୍ତରରୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ଭିତ୍ତିରେ ୧୫ ଜଣ ଖେଳାଳି ଜିଲ୍ଲାସ୍ତରକୁ ମନୋନୀତ ହେବେ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତାକାଲି ଜନଜାତିଙ୍କ ପକ୍ଷରୁ ଏହି ମଞ୍ଚରେ ବିଭିନ୍ନ ଲୋକକଳା ନୃତ୍ୟ ପରିବେଷଣ ହେବ। ସୁନିଲ କୁମାର ମୁର୍ମୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜିର ମ୍ୟାଚ ପରିଚାଳନାରେ ରେଫରି ଭାବେ କାଳନ୍ଦି ମୁର୍ମୁ, ଭଞ୍ଜ କୁମାର ସୋରେନ, ସୁଶାନ୍ତ ସାମଲ, ମାନସ କୁମାର ଟୁଡୁ, ମାଝିଆ ମୁର୍ମୁ, ସୁନିଲ କୁମାର ଟୁଡୁ କାର୍ଯ୍ୟ ସମ୍ପାଦନ କରିଥିଲେ। ରଜତ ତିରିଆ ଓଡିଆ, ହିନ୍ଦି ଏବଂ ଜନଜାତି ସାନ୍ତାଳୀ ଭାଷାରେ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚୋରା ମହୁଲି ମଦ କାରବାରରେ ୨ ଗିରଫ

**ଘସିପୁରା,୧୯ ।୧୨(ସମିସ):** ରାମଚନ୍ଦ୍ରପୁର ଥାନା ଜରଦା ଗ୍ରାମରେ ରାମଚନ୍ଦ୍ରପୁର ପୁଲିସ ଅଚାନକ ଚଢ଼ଉ କରି ଜାତୀୟ ରାଜପଥ କଡ଼ରେ ଥିବା ଏକ କେବିନ ଭିତରେ ଚୋରା ମହୁଲି ମଦ କାରବାର କରୁଥିବା ପ୍ରଫୁଲ୍ଲ ଭୂୟାଁ(୫୩) ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ତା' ନିକଟରୁ ୧୦ ଲିଟର ମହୁଲି ମଦ ଜବତ କରିଯାଇଛି। ୩୦୪/୨୩ରେ ଏକ ମାମଲା ରୁଜୁ କରି ଥାନାରେ ପଚାରା ଉଚାରା କରିବା ପରେ ୪୧ ଧାରାରେ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଜାମିନରେ ଯାଇଥିବା ସୂଚନା ମିଳିଛି। ସେହିପରୀ ରାମଚନ୍ଦ୍ରପୁର ଥାନା ରୁଦ୍ରନାରାୟଣପୁର ଛକରୁ କୀର୍ତ୍ତନ ନାୟକ (୪୮)ନାମକ ଜଣେ ଯୁବକ ବେଆଇନ ମହୁଲି ମଦ ବିକ୍ରି ଅଭିଯୋଗରେ ଗିରଫ ହୋଇ ଜାମିନରେ ଯାଇଥିବା ସୂଚନା ମିଳିଛି।

# ବେଲବାହାଳି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ

**ବେଲବାହାଳି,୧୯।୧୨(ସମିସ):** ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ଦୀପ୍ତିରାଣୀ ସାହୁ କେନ୍ଦୁଝର ଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବେଲବାହାଳି ଆୟୁର୍ବେଦିକି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ନୂତନ ଗୃହ ନିର୍ମାଣ ଜରୁରି ହୋଇପଡିଛି। ସେହିପରି ଆନନ୍ଦପୁର ତହସିଲ ଅଧୀନରେ ଥିବା ବେଲବାହାଳିକୁ ଏକ ସର୍କଲ ମାନ୍ୟତା ଦେବା ସହିତ ଏଠାରେ ଏକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯାଳୟ



ଖୋଲିବାର ଆବଶ୍ୟକତା ଅନୁଭୂତ ହୋଇଛି। ଆନନ୍ଦପୁର ବ୍ଲକର ବେଲବାହାଳି ସର୍ବବୃହତ ପଞ୍ଚାୟତ ଓ ଜନବହୁଳ ଅଞ୍ଚଳ ବେଲବାହାଳି, ପୁରୁଣିଆ, ସିଆପଡା ବର୍ତ୍ତମାନ ପଞ୍ଚୁପଲ୍ଲୀ ସର୍କଲରେ ରହିଛି କ୍ଷବିଭିନ୍ନ ଗାଁରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବିଭିନ୍ନ କାରଣରୁ ଅନେକ ସମୟରେ ବନ୍ଦ ରହୁଥିବାରୁ ସାଧାରଣ ଲୋକେ ନାହିଁ ନଥିବା ହିନସ୍ଥା ହେଉଛନ୍ତି। ଅନେକ ଜରୁରୀ କାଳୀନ ପରିସ୍ଥିତିରେ ଛାତ୍ରଛାତ୍ରୀ ହଇରାଣ ହେଉଥିବା ବେଳେ ସାଧାରଣ ଲୋକଙ୍କ ଜମିଜମା ସଂକ୍ରାନ୍ତିୟ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାର ସମାଧାନ ବେଲବାହାଳୀ ପରେ ଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲାଯାଇପାରିଲେ ବେଲବାହାଳି, ପୁରୁଣିଆ, ସିଆପଡା ଗ୍ରାମବାସୀ ମାନଙ୍କ ପାଇଁ ଏହା ସୁବିଧା ଜନକ ହୋଇପାରନ୍ତା ବୋଲି ବେଲବାହାଳି ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସାହୁ ଦାବି ଜଣାଇଛନ୍ତି।

# ବାଲ୍ ଶିକ୍ଷା ସଂସ୍ଥାନର ବାର୍ଷିକ କ୍ରୀଡ଼ା

**ଆନନ୍ଦପୁର,୧୯।୧୨(ସମିସ):** ସମିସ ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର ୩୬ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ। ୩ ଦିନଧରି ଚାଲିବାକୁ ଥିବା ଏହି ବାର୍ଷିକ କ୍ରୀଡା ଉତ୍ସବକୁ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଆରମ୍ଭରେ ବିଦ୍ୟାଳୟର ଆଚାର୍ଯ୍ୟ ରବିନ୍ଦ୍ର କୁମାର ସାହୁ ଏବଂ ସତ୍ୟଜିତ ସାହୁଙ୍କ ନେତୃତ୍ୱରେ ଘସିପୁରାର ବନଦୁର୍ଗା ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଅଣାଯାଇଥିଲା। ପରେ ଛାତ୍ରଛାତ୍ରୀ ରାଷ୍ଟ୍ରୀୟ ବନ୍ଦନା ସହ ଶପଥ ପାଠ ଓ ପ୍ରତିଜ୍ଞା ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶଙ୍କ ନେତୃତ୍ୱରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଉପପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ଚିତ୍ରସେନ ସାହୁ, ନଟବର ସାହୁ, କାଳନ୍ଦୀ ମହାରଣା, ଆଚାର୍ଯ୍ୟାମାନଙ୍କ ମଧ୍ୟରେ ରୋନାଲୀ ଜେନା, ଜ୍ୟୋତ୍ସ୍ନାମୟୀ ନାଏକ, ରଶ୍ମିତା ସିଂ, ଚିନ୍ମୟୀ ରାଉତ, ସ୍ନିଗ୍ଧା ସରିତା ମହାରଣା, ପଦ୍ମିନୀ ରାଉତ, ସେବକ ମନୋଜ ସାହୁ, ଶଙ୍କର୍ଷଣ ରାଉତ, ସେବିକା ଶାନ୍ତି ପାତ୍ର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।

# ନୂଆ ଓଡ଼ିଶାର କ୍ରୀଡ଼ା ପ୍ରତିଯୋଗିତା

**ଆନନ୍ଦପୁର, ୧୯।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ନୂଆ ଓଡିଶା କାର୍ଯ୍ୟକ୍ରମର କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ପୌରୋହିତ୍ୟ ଓ ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ, ଫୁଟବଲ, ଭଲିବଲ, କବାଡି, ଚେସ୍, କ୍ୟାରମ, ବ୍ୟାଡମିଟନ ଆଦି କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଶ୍ରୀକାନ୍ତ ପଟେଲ , ଉପେନ୍ଦ୍ର ମିଶ୍ର, ବିଜୟ କୁମାର ସାହୁ, ରଂଜନ କୁମାର ନାଏକ, ବିଶ୍ୱରଂଜନ ସାହୁ, ମାୟାଧର ନାୟକ, ଅନନ୍ତ ଚରଣ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଖେଳ ଶିକ୍ଷକ ମଦନ ମୋହନ ବିଶ୍ୱାଳ ଖେଳକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ନାରାୟଣ ଦାଶ ସହଯୋଗ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିର ତୁରୁମୁଙ୍ଗାର ବାର୍ଷିକ ଉତ୍ସବ



**ତୁରୁମୁଙ୍ଗା,୧୯।୧୨(ସମିସ):** ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୨୮ ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହର୍ଷୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନ ମୋହନ ସାହୁ ଯୋଗ ଦେଇଥିଲେ। ସମ୍ମାନୀତଅତିଥିଭାବେଅବସରପ୍ରାପ୍ତଶିକ୍ଷକଡ଼ଉଜ୍ଜ୍ୱଳକୁମାରସାହୁ, ମୁଖ୍ୟବକ୍ତାଭାବରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଅବସରପ୍ରାପ୍ତ ମୁଖ୍ୟ କିରାଣି ତଥା ଶିକ୍ଷା ବିକାଶ ସମିତିର ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ଅନ୍ୟତମ ଅତିଥି ଭାବରେ ପୁରାତନ ଛାତ୍ର ଭୂତତ୍ତ୍ୱବିତ ଅଭିନାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରମୋଦ କୁମାର ସାହୁ ମଞ୍ଚାସିନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ବର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ଶିକ୍ଷା ବର୍ଷ ର କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଆଚାର୍ଯ୍ୟା ଦେବକୀ ମହାନ୍ତ ସଂଯୋଜନା କରିଥିବା ବେଳେ ପରିଚାଳନା ସମିତିର କୋଷାଧ୍ୟକ୍ଷ ବିଚିତ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ତେଲକୋଇ,୧୯।୧୨(ସମିସ):** ତେଲକୋଇ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭିନ୍ନକ୍ଷମମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଶିବିରର ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି। ଉକ୍ତ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୪୬ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କୁ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶ୍ରବଣ ସମସ୍ୟାରେ ୪୩ଜଣ, ଅସ୍ଥିଶଲ୍ୟ ସମସ୍ୟାରେ ୧୫୪ଜଣ, ମାନସିକ ବିଭାଗରେ ୨୫ଜଣ ଓ ଚକ୍ଷୁ ସମସ୍ୟାରେ ୨୪ଜଣଙ୍କୁ ଚିହ୍ନଟ କରଯାଇଛି। ଶିବିରରେ ବିଭିନ୍ନ ଷ୍ଟଲ ଖୋଲାଯାଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଡିଜିଟାଲ ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଇ ଦିଆଯିବ। ଶିବିରରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଅସ୍ଥିଶଲ୍ୟ ବିଭାଗର ଡ. ତନ୍ମୟ ମଲ୍ଲିକ, ମାନସିକ ବିଭାଗର ଡ. ନିହାର ରଞ୍ଜନ ରଥ, ଚକ୍ଷୁ ଡ. ରଶ୍ମିରଞ୍ଜନ ଭଞ୍ଜ ଓ ଶ୍ରବଣ ବିଭାଗର ଡ. ସଞ୍ଜୟ ବେହେରା ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥଲେ। କାର୍ଯ୍ୟକ୍ରମକୁ ବିଡ଼ିଓ ଗୀତା ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେଉରା, ମାନସ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସିଲିଦାରେ ବ୍ଲକ୍‌ସ୍ତରୀୟ ଶିଶୁମେଳା



**ପାଟଣା, ୧୯।୧୨(ସମିସ):** ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସିଲିଦା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟାର ସଭାପତି ଶରଘୁନାଥ ବେହେରା, ରାଜ୍ୟ ଶିକ୍ଷା କମିଟି ସଭ୍ୟ ଜ୍ଞାନେନ୍ଦ୍ର କୁମାର ଦେଓ, ପ୍ରାକ୍ତନ ରାଜ୍ୟ ସଂପାଦକ ଜିଲ୍ଲା ଶିକ୍ଷା କମିଟି ସଭ୍ୟ କାହ୍ନୁ ଚରଣ ସାମଲ, କେନ୍ଦେଇପଶି ଗ୍ରାମ ପଞ୍ଚାୟତ ସରପଞ୍ଚ ମିନାକ୍ଷୀ ନାଏକ, ସମିତିସଭ୍ୟ ପ୍ରଦୀପ ନାଏକ, ପାଟଣା ବ୍ଲକ ସମ୍ପାଦକ ସଞ୍ଜୟ କୁମାର ସାହୁ, ସଭାପତି ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଆଗାମୀ ୨୧ ଓ ୨୨ ତାରିଖରେ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟ, ଘସିପୁରା ଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ମେଳାରେ ଯୋଗ ଦେବେ। ଶିକ୍ଷକ ପାର୍ଥସାରଥୀ ବେଜ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ଶିକ୍ଷକ ସୁବ୍ରତ କୁମାର ମଲ୍ଲିକ, ଶିଶିର କୁମାର ମହାନ୍ତି, ରଜତ କୁମାର ସେଠୀ, ଅଜିତ କୁମାର ମହାନ୍ତ, ବିଜୟା ନନ୍ଦ ସେଠୀ, ପ୍ରମୋଦ କୁମାର ବେହେରା, ବିଜୟ କୁମାର ଗାରଡ଼ିଆ ପ୍ରମୁଖ ସକ୍ରିୟ ସାହୋଯୋଗ କରିଥିଲେ।

# ମୁରୁସୁଆଁରେ ଧାନ ମଣ୍ଡି ଖୋଲିଲା

**ବାଲିବନ୍ଧ, ୧୯।୧୨ (ସମିସ):** ଝୁମ୍ପୁରା ବୃହଦାକାର ବହୁମୁଖୀ ସମବାୟ ସମିତି ଅଧୀନରେ ଥିବା ବାଲିବନ୍ଧ ଶାଖା (ମୁରୁସୁଆଁ) ଠାରେ ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉପସହକାରୀ ନିବନ୍ଧକ ଚମ୍ପୁଆ ମଣ୍ଡଳର ହେମନ୍ତ କୁମାର ନାଏକ, ଝୁମ୍ପୁରା ସମବାୟ ସମିତିର ସଭାପତି ଡମ୍ବରୁଧର ନାଏକ, ବାଲିବନ୍ଧ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ବନମାଳୀ ମହାନ୍ତ, ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆର ମାର୍କେଟ ଗାର୍ଡ ଚିତ୍ତରଞ୍ଜନ ମହାନ୍ତ ଏବଂ ସମବାୟ ସମିତିର ଚାଷୀ ଉପସ୍ଥିତ ରହିଥିଲେ। ତେବେ ବାଲିବନ୍ଧ ଲ୍ୟାମ୍ପରେ ପ୍ରତି ସୋମବାର, ବୁଧବାର ଏବଂ ଝୁମ୍ପୁରା ଲ୍ୟାମ୍ପରେ ପ୍ରତି ମଙ୍ଗଳବାର, ଶୁକ୍ରବାର ଓ ଶନିବାର ଧାନ କ୍ରୟ କରାଯିବା ନେଇ ଧାର୍ଯ୍ୟ କରାଯାଇଥିବା ଲ୍ୟାମ୍ପ ଏମ୍‌ଡି ସସ୍ମିତା ପ୍ରଧାନ ସୂଚନା ଦେଇଛନ୍ତି।

# କାଠ ନିଲାମ ବେଳେ ଉତ୍ତେଜନା



**ଛେନାପଦି,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଦନେଇପୁର ଗ୍ରାମରେ ଗଛକଟା କାଠକୁ ନିଲାମ କରିବା ସମୟରେ ଉତ୍ତେଜନା ଦେଖାଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ, ଦନେଇପୁର ଶିବମନ୍ଦିର ନିକଟରେ ନୂତନ ଗୋଷ୍ଠୀ କେନ୍ଦ୍ରଟିଏ ନିର୍ମାଣ ପାଇଁ ସୂଚନା ଫଳକ ଲାଗି ସାରିଥିବା ବେଳେ ମନ୍ଦିର ସଂଲଗ୍ନରେ ଥିବା ଏକ ପୁରୁଣା ବରଗଛର ବଡ଼ ବଡ଼ ଅଂଶକୁ ନିର୍ମାଣକାରୀ କାଟିଥିବା ଗଛ କାଠକୁ ନିଲାମ କରିବା ସମୟରେ ଗ୍ରାମର କିଛି ବ୍ୟକ୍ତି ଏହାକୁ ବିରୋଧ କରିବାରୁ ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

# ଗୋଚର ଜମି ଦଖଲକୁ ନେଇ ମଙ୍ଗଳପୁରରେ ଉତ୍ତେଜନା

ବେଲବାହାଳି, ୧୯।୧୨(ସମିସ)



ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପନଚାୟତର ମଙ୍ଗଳପୁର ଗ୍ରାମରେ ଥିବା ଗୋଚର ଜମିରେ ଜବରଦଖଲକୁ କେନ୍ଦ୍ର କରି ଆଜି ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତଗ୍ରାମର ସୀମିତ ଅଞ୍ଚଳରେ ଥିବା ଏହି ଗୋଚର ଜମି ଉପରେ ଗ୍ରାମର ସମସ୍ତ ଗୃହପାଳିତ ପଶୁପକ୍ଷୀ ଚାରଣ ପାଇଁ ନିର୍ଭର କରୁଥିବା ବେଳେ ଏହି ଅଞ୍ଚଳରେ ବାହାରୁ ଆସି ରହୁଥିବା କେତେକ ଲୋକେ ଜବରଦଖଲ କରି ନେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଦିନକୁ ଦିନ ଏହି ଜବରଦଖଲ ବଢିଯିବାରୁ ଗୃହପାଳିତ ପଶୁପକ୍ଷୀଙ୍କ ଚାରଣରେ ବାଧା ସୃଷ୍ଟି ହେବାରୁ ଜବରଦଖଲ ଉଚ୍ଛେଦ ପାଇଁ କେତେକ ସଚେତନ ଗ୍ରାମବାସୀ ଉଦ୍ୟମ ଚଳାଇଥିଲେ। ତେବେ ଜବରଦଖଲ ଗୋଚର ଜମିରେ ବସବାସ କରି ରହିଥିବା ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଦାବି ପ୍ରସଙ୍ଗକୁ ନେଇ ଆଜି ମଙ୍ଗଳପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଜବରଦଖଲ ଅଞ୍ଚଳକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପରିଦର୍ଶନ କରିବା ଘଟଣା ଏହି ପ୍ରସଙ୍ଗକୁ ଅଧିକ ଉତ୍ତେଜିତ କରିଛି। ହେଲେ ଏହି ଅଞ୍ଚଳ ପୋଖରୀ ହୁଡ଼ା ଓ ଗୋଚର କିସମ ଥିବାରୁ ଉକ୍ତ ପରିବାରଙ୍କୁ ପଟ୍ଟା ଦିଆଯାଇ ପାରିବନାହିଁ ବୋଲି ରାଜସ୍ୱ ନିରୀକ୍ଷକ ତଦନ୍ତକାଳୀନ ରିପୋର୍ଟରେ ଉଲେଖ କରିଥିବା ପ୍ରକାଶ କରିଛନ୍ତି। ଆଜି ଅପରାହ୍ନରେ ଉକ୍ତ ଗ୍ରାମର ମହିଳା ପୁରୁଷମାନେ ଏକତ୍ରିତ ହୋଇ ଜବରଦଖଲ କରିଥିବା ପରିବାରଙ୍କୁ ଗୋଚର ଜମି ଛାଡି ଦେବାକୁ ଦାବି କରିଥିଲେ।

